


'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# 'ଇସ୍ରୋ'ର ଚମତ୍କାରିତା

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍‌ରୋ)ର ସଦ୍ୟତମ ସଫଳତା 'ବ୍ଲୁ-ବାର୍ଡ ବ୍ଲକ୍-୨' ଉତ୍କ୍ଷେପଣ କେବଳ ଏକ ରେକର୍ଡ ନୁହେଁ; ବରଂ ଏହା ବିଶ୍ୱ ମହାକାଶ ଗବେଷଣାରେ ଭାରତର ପରିପକ୍ୱତା ଓ ବଢୁଥିବା ପ୍ରଭାବର ଏକ ଶକ୍ତିଶାଳୀ ସଙ୍କେତ । ଏହି ସଫଳତା ଦର୍ଶାଉଛି ଯେ, ଭାରତ ଏବେ କେବଳ ଛୋଟ ଉପଗ୍ରହ ନୁହେଁ, ବରଂ ବିଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ଦେଶମାନଙ୍କର ଓଜନଦାର ଉପଗ୍ରହକୁ ଅତି ବିଶ୍ୱାସର ସହିତ ମହାକାଶକୁ ପଠାଇବାରେ ସକ୍ଷମ । ଇସ୍‌ରୋର ସବୁଠାରୁ ଶକ୍ତିଶାଳୀ ରକେଟ୍ ଏଲଭିଏମ୩-ଏମ୬ ମାଧ୍ୟମରେ ପ୍ରାୟ ୬, ୧୦୦ କିଲୋଗ୍ରାମ ଓଜନର ଆମେରିକୀୟ ସୂଚନା ପ୍ରଯୁକ୍ତି ଉପଗ୍ରହକୁ ପୃଥିବୀର ନିମ୍ନ କକ୍ଷପଥରେ ସଫଳତାର ସହିତ ସ୍ଥାପନ କରାଯାଇଛି । ଭାରତୀୟ ମାଟିରୁ ଉତ୍କ୍ଷେପଣ କରାଯାଇଥିବା ଏହା ଏକ ଓଜନଦାର ଉପଗ୍ରହ । ଏହି ଉପଗ୍ରହର ମୁଖ୍ୟ ଉଦ୍ଦେଶ୍ୟ ହେଲା 'ଡିରେକ୍ଟ – ଟୁ – ଡିଭାଇସ୍' ସେବା । ଅର୍ଥାତ୍, ଏଣିକି କୌଣସି ସ୍ୱତନ୍ତ୍ର ଆଣ୍ଟେନା ବା ଟର୍ମିନାଲ୍ ବିନା ସାଧାରଣ ସ୍ମାର୍ଟଫୋନରେ ହିଁ ୪ଜି/୫ଜି ସେବା ମିଳିପାରିବ । ବିଶେଷକରି ଦୁର୍ଗମ ଅଞ୍ଚଳ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ଏକ ବରଦାନ ସଦୃଶ ହେବ । ଏହି ମିଶନର ଗୁରୁତ୍ୱ କେବଳ ଏହାର ଓଜନରେ ନାହିଁ, ବରଂ ଏହାର ବ୍ୟାବସାୟିକ ସଫଳତାରେ ରହିଛି । ବିଶ୍ୱ ମହାକାଶ ଗବେଷଣା ବଜାରରେ ବର୍ତ୍ତମାନ କିଛି ନିର୍ଦ୍ଦିଷ୍ଟ ଦେଶ ବା କମ୍ପାନୀର ଆଧିପତ୍ୟ ରହିଛି । ଏହି ସମୟରେ ଇସ୍‌ରୋ ନିଜର ଶସ୍ତା ଏବଂ ବିଶ୍ୱସନୀୟ ସେବା ମାଧ୍ୟମରେ ବିଶ୍ୱର ବଡ଼ ବଡ଼ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିପାରିଛି । ଯଦି ଭାରତ ଏହିପରି ଭାବେ ନିରନ୍ତର ଭାରି ଉପଗ୍ରହ ଉତ୍କ୍ଷେପଣ କରିଚାଲେ, ତେବେ ଆଗାମୀ ଦିନରେ ବିଶ୍ୱର ବଡ଼ ବଡ଼ କମ୍ପାନୀଗୁଡ଼ିକ ପାଇଁ ଭାରତ ପ୍ରଥମ ପସନ୍ଦ ପାଲଟିବ । ତେବେ କେବଳ ଏହି ସଫଳତାକୁ ନେଇ ଆତ୍ମସନ୍ତୋଷ ଲାଭ କରିବା ଉଚିତ ନୁହେଁ । ଭାରତକୁ ଯଦି ଏ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଶକ୍ତି ହେବାକୁ ପଡ଼ିବ, ତେବେ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିରନ୍ତର ଭାବେ ଉତ୍କ୍ଷେପଣ ଜାରି ରଖିବାକୁ ହେବ । ଏହାଦ୍ୱାରା ଅନ୍ତର୍ଜାତୀୟ ବଜାରରେ ଭାରତର ବିଶ୍ୱସନୀୟତା ବଢ଼ିବ । କେବଳ ଇସ୍‌ରୋ ଉପରେ ନିର୍ଭର ନ କରି ଦେଶର ଘରୋଇ କମ୍ପାନୀଗୁଡ଼ିକୁ ମଧ୍ୟ ଏହି କ୍ଷେତ୍ରରେ ସାମିଲ କରିବାକୁ ହେବ । ମହାକାଶ ସେବାକୁ ଏକ 'ଶିଳ୍ପ'ର ରୂପ ଦେବା ପାଇଁ ପୁଞ୍ଜିନିବେଶ ଓ ନିର୍ମାଣର ଆବଶ୍ୟକତା ରହିଛି । ବ୍ୟାବସାୟିକ ସଫଳତା ପାଇଁ ଆମର ମୌଳିକ ବୈଜ୍ଞାନିକ ମିଶନଗୁଡ଼ିକୁ ଉପେକ୍ଷା କରାଯିବା ଉଚିତ ନୁହେଁ । ପୃଥିବୀ ପର୍ଯ୍ୟବେକ୍ଷଣ, ଜଳବାୟୁ ସୂଚନା ଓ ଚନ୍ଦ୍ର-ମଙ୍ଗଳ ଅଭିଯାନ ଭଳି ଗବେଷଣାମୂଳକ କାର୍ଯ୍ୟ ମଧ୍ୟ ସମାନ ଗୁରୁତ୍ୱ ପାଇବା ଦରକାର ।'ବ୍ଲୁ-ବାର୍ଡ' ମିଶନର ପ୍ରକୃତ ଶିକ୍ଷା ହେଉଛି, ଭାରତର ମହାକାଶ କାର୍ଯ୍ୟକ୍ରମ ଏବେ କେବଳ ଏକ ଗର୍ବ ବା ଉତ୍ସବରେ ସୀମିତ ନାହିଁ, ବରଂ ଏହା ଏକ ପୂର୍ଣ୍ଣାଙ୍ଗ ଶିଳ୍ପରେ ପରିଣତ ହେବାକୁ ଯାଉଛି । ଯଦି ଆମେ ନିର୍ଭୁଲ ନୀତି ଓ ଦୂରଦୃଷ୍ଟି ସହିତ ଆଗକୁ ବଢ଼ିବା, ତେବେ ଭାରତ କେବଳ ମହାକାଶକୁ ରକେଟ୍ ପଠାଇବ ନାହିଁ, ବରଂ ବିଶ୍ୱ ମହାକାଶ ଅର୍ଥନୀତିର ଗତିପଥକୁ ନିୟନ୍ତ୍ରଣ କରିବ । ଆଗାମୀ ଦିନରେ ଭାରତୀୟ ମହାକାଶ ସେବା କେବଳ ଦେଶର 'ସମ୍ମାନ' ନୁହେଁ, ବରଂ 'ସାମର୍ଥ୍ୟ'ର ପରିଚୟ ହେବ ।

# ମାଆ ସନ୍ତାନର ପ୍ରଥମ ଶିକ୍ଷକ

### ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ମାଆର ରକ୍ତ ମାଂସରେ ଗଢ଼ା ଏଇ ପାର୍ଥିବ ଶରୀର । ଆମେ ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର ଏବଂ ଆମର ଏ ସୁନ୍ଦର ଶରୀର ସବୁ ଆମ ପିତାମାତାଙ୍କର ଦାନ । ତେଣୁ ସନ୍ତାନର ପ୍ରଥମ କର୍ତ୍ତବ୍ୟ ହେଲା ମାତାପିତାଙ୍କୁ ଖୁସି ରଖିବା । ସେମାନଙ୍କ ସେବା ଯତ୍ନ କରି ଋଣ ପରିଶୋଧ କରିବାକୁ ଚେଷ୍ଟା କରିବା । କଥାରେ ଅଛି 'ଚବକ୍ୱରଭଷ୍ପ ଜ୍ଞରବଭଷ୍ପ କ୍ରୁବଛ କ୍ୱରଭଷ୍ପ' । ପରିବାରରେ ମାଆର ଅନେକ ଦାୟିତ୍ୱ । ରନ୍ଧାବଢ଼ା, ଅତିଥି ଚର୍ଚ୍ଚା, ଗୃହ ପରିଚାଳନା, ପିଲାର ଯତ୍ନ, ଶାଶୁ ଶ୍ୱଶୁରଙ୍କ ସେବା ଇତ୍ୟାଦି ଇତ୍ୟାଦି । କିନ୍ତୁ ସବୁ ଭିତରେ ସେ ପିଲାଟିକୁ ଆଖିପତା ପରି ଜଗି ରହିଥାଏ । ପିଲାଟି ଧୀରେ ଧୀରେ ବଢ଼ିବାକୁ ଲାଗେ । ତା ସହିତ ତାର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୁଏ । ପିଲାଟି ତାର ପରିବେଶରୁ ବେଶ ଜଲ୍‌ଦି ସବୁ କିଛି ଶିଖିବାକୁ ଆରମ୍ଭ କରେ । ଏହି ସମୟରେ ମାଆ ହେଉଛି ତାର ପ୍ରଥମ ଗୁରୁ । ପିଲାଟି ବିଦ୍ୟାଳୟ ଯିବା ପୂର୍ବରୁ ମାଆ ସିଲଟ ଖଡ଼ି ଧରି ଗୋଲ ବୁଲାଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମ ଶିଖାଇ ଆଶୀର୍ବାଦ ପ୍ରାପ୍ତ କରାଏ । ଫଳରେ ପିଲାଟି ବିଦ୍ୟା ଲାଭ କରିବା ପୂର୍ବରୁ ଆଧ୍ୟାତ୍ମିକ ଶକ୍ତି ଓ ଈଶ୍ୱରଭକ୍ତି ଲାଭ କରେ । ମାଆ ଉଚ୍ଚ ଶିକ୍ଷିତା ହେବା ଜରୁରୀ ନୁହେଁ । ମାଆ ସୁଶିକ୍ଷିତା ହେବା ଆବଶ୍ୟକ । ଯାହାଫଳରେ ସେ ପିଲାଟିକୁ ପ୍ରଥମରୁ ଉପଯୁକ୍ତ କରି ଗଢ଼ି ତୋଳି ପାରିବ । ପିଲାର ମନ କଞ୍ଚାମାଟି ପରି ନରମ । ତାକୁ ପ୍ରଥମରୁ ଯେଉଁ ଆକାର ଦେବାକୁ ଚାହିଁବ ସେ ସେହିପରି ହୋଇପାରିବ । ମାଟି ଶୁଖିଗଲେ ଯେପରି ଆଉ ମୂର୍ତ୍ତି ଗଢ଼ି ହୋଇପାରେ ନାହିଁ ପିଲାଟି ଥରେ ବିଗିଡିଗଲେ ତାକୁ ବାଟକୁ ଆଣିବା କଷ୍ଟକର ହୁଏ । ପିଲାଟି ମାଆ ସହିତ ଅଧିକାଂଶ ସମୟ କଟାଏ । ତେଣୁ ମାଆ ଯେପରି ହେବ ପିଲାଟି ତାକୁ ଅନୁସରଣ କରିବ । ତା ଅଜଣାତରେ ସେ ମାଆର ଆଚରଣ କଥାବାର୍ତ୍ତା ଓ ଚାଲିଚଳନ ଅନୁକରଣ କରି ଚାଲିବ । ତେଣୁ ମାଆ ନିଜ ଆଚାର ବ୍ୟବହାରରେ ସତର୍କ ରହିବା ଉଚିତ । କାରଣ ମାଆର ପରିବାର ତଥା ସନ୍ତାନ ପ୍ରତି ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ।

ମାଆ କୋଳ ପିଲାର ପ୍ରାଥମିକ ବିଦ୍ୟାଳୟ । ମାଆ ତା ପିଲାକୁ କୋଳରେ ଶୁଆଇ ନାନାବାୟା ଗୀତ ଗାଇ ସଂଗୀତ ଶିଖାଏ, ଆଙ୍ଗୁଳି ଗଣି ଗଣିତ ଶିଖାଏ, ବିଭିନ୍ନ ଗଳ୍ପ କହି ତା ମାଧ୍ୟମରେ ନୀତିଶିକ୍ଷା ଓ ସାହିତ୍ୟ ଶିକ୍ଷା ଦିଏ, ପୁରାଣ ରାମାୟଣରୁ ଗପ କହି ଧର୍ମ ମାର୍ଗରେ ନେବାକୁ ଚେଷ୍ଟା କରେ । ଗୁରୁ ଗୁରୁଜନ ତଥା ଭଗବାନଙ୍କୁ ଭକ୍ତି କରିବା ଶିକ୍ଷା ଦିଏ ଓ ଏହିପରି ଆହୁରି କେତେ କଣ ଉପଦେଶ ଦେଇ ପିଲାଟିକୁ ବାଲ୍ୟକାଳରୁ ଉପଯୁକ୍ତ କରି ଗଢ଼ି ତୋଳିବାକୁ ପ୍ରୟାସ କରେ । ଜଣେ ସମର୍ପିତା ମାଆ ପିଲାକୁ ଭଲ ମଣିଷଟିଏ କରି ବଢ଼ାଇବାକୁ ଦୃଢ଼ ନିଶ୍ଚିତ ରହେ । ଏଥିପାଇଁ ସେ କୌଣସି ଦୁଃଖ, କଷ୍ଟ, ବାଧାବିଘ୍ନ, ଅଭାବ ଅନାଟନକୁ ଖାତିରି କରେନାହିଁ । କେବଳ ପିଲାର ଉଜ୍ଜଳ ଭବିଷ୍ୟତ ତାର ଲକ୍ଷ୍ୟ ହୋଇଥାଏ । କାରଣ ପିଲାଟି ଉପଯୁକ୍ତ ହେଲେ ତା ପରିବାରର ଭବିଷ୍ୟତ ଉଜ୍ଜ୍ୱଳମୟ ହୁଏ । ଫଳରେ ଦେଶର, ରାଷ୍ଟ୍ରର ତଥା ବିଶ୍ୱର ଉନ୍ନତି ହୁଏ । ତେଣୁ ଜଣେ ଉପଯୁକ୍ତ ମାଆ କେବଳ ପରିବାରର ନୁହେଁ ସେ ମଧ୍ୟ ରାଷ୍ଟ୍ରୀୟ ସମ୍ପତ୍ତି ।

ମାଆ ମାନଙ୍କୁ ସମାଜରେ ସବୁବେଳେ ଶ୍ରେଷ୍ଠସ୍ଥାନ ଦିଆଯାଇଛି । ଆଦି କବି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ – 'କୁପୁତ୍ର ଜାୟତେ କ୍ୱଚିଦପି, କୁମାତା ନଭବତି ।' ଅର୍ଥାତ୍ ସଂସାରରେ ମନ୍ଦପୁତ୍ର ଜାତ ହୋଇପାରେ ମାତ୍ର ମାଆ କଦାପି ମନ୍ଦ ହୋଇପାରନ୍ତି ନାହିଁ । କାରଣ ମାଆ ସବୁବେଳେ ନିଃସ୍ୱାର୍ଥପର ଭାବରେ ସନ୍ତାନର ଲାଳନ ପାଳନ ତଥା ସେବାଯତ୍ନ କରେ । ସେ ଚାହେଁ ତାର ସନ୍ତାନ ବୁଦ୍ଧିମାନ, ବିଦ୍ୱାନ, ଶାନ୍ତ ସରଳ ଓ ଈଶ୍ୱର ବିଶ୍ୱାସୀ ହେଉ । ସମାଜରେ ତାର ତଥା ପରିବାରର ନାମ ଓ ଯଶ ପ୍ରତିଷ୍ଠା କରୁ । ସେଥିପାଇଁ ସେ ପିଲାଟି ପ୍ରତି ପ୍ରଥମରୁ ଯତ୍ନବାନ ହୁଏ । କଥା କହିଲା ଦିନୁ ଭଲ କଥା କହିବା ଶିଖାଏ, ପାଠ ପଢ଼ିଲା ଦିନୁ ତାର ପାଠପଢ଼ା ପ୍ରତି ଯତ୍ନବାନ ହୁଏ । ଗୁରୁଜନଙ୍କୁ କିପରି ଭକ୍ତି କରିବାକୁ ହୁଏ ଏବଂ ଭବିଷ୍ୟତରେ କିପରି ଉତ୍ତମ ମଣିଷଟିଏ ହେବ ସେଥିପାଇଁ ଭଗବାନଙ୍କ ପାଖରେ ସଦାସର୍ବଦା ଗୁହାରୀ କରୁଥାଏ । ତେଣୁ ମାଆ ଠାରୁ ବଳି ଭଲ ଶିକ୍ଷକ ଓ ପଥପ୍ରଦର୍ଶକ ଆଉ କିଏ ହୋଇପାରେ ଏଇଠି ଆମେ କେତେ ଜଣ ଆଦର୍ଶମାତାଙ୍କର ଉଦାହରଣ ଦେଇ ପାରିବା । ଶ୍ରୀରାମ ମାତା କୌଶଲ୍ୟାଙ୍କ ଯତ୍ନରେ ସଦାସର୍ବଦା ସତ୍ୟପଥରେ ଚାଲୁଥିଲେ । ଲବ ଓ କୁଶ ମାତା ସୀତାଙ୍କ ତତ୍ତ୍ୱାବଧାନରେ ବିଦ୍ୱାନ ଓ ଶକ୍ତିଶାଳୀ ହୋଇ ପାରିଥିଲେ । ଶିବାଜୀଙ୍କ ବୀରତ୍ୱ ପାଇଁ ମାତା ଜୀଜାବାଈଙ୍କର ପ୍ରେରଣା ଅନ୍ତର୍ନିହିତ । ପୁତୁଲିବାଈଙ୍କ ପ୍ରେରଣାରେ ମୋହନଦାସ ମହାତ୍ମାରେ ପରିଣତ ହୋଇ ପାରିଥିଲେ । ଏହିପରି ଅନେକ ଆଦର୍ଶ ମାତାଙ୍କର ଉଦାହରଣ ଆମ ପୁରାଣ ତଥା ଇତିହାସରେ ବର୍ଣ୍ଣିତ ।

ସମ୍ପ୍ରତି ମାତୃଜାତି ପ୍ରତି କିଛି ଆହ୍ୱାନ ରହିଛି । ପୂର୍ବରୁ ମାଆମାନେ ପିଲାମାନଙ୍କୁ ସକାଳେ ସନ୍ଧ୍ୟାରେ ପ୍ରାର୍ଥନା କରି ପଢ଼ି ବସିବାକୁ ଶିଖାଉଥିଲେ । ଆଜିକାଲି ଅଧିକାଂଶ ମାତା ସେହି ସମୟରେ ପିଲାଙ୍କୁ ପାଠ ପଢ଼ିବାକୁ ବାଧ୍ୟ କରୁଛନ୍ତି କିମ୍ବା ଟିୟୁସନ୍ ପଠାଇ ଦେଇ ନିଶ୍ଚିନ୍ତରେ ରହୁଛନ୍ତି । ଏହାଦ୍ୱାରା ମାଆମାନେ ପିଲା ମାନଙ୍କୁ ପ୍ରକୃତ ଜ୍ଞାନ ପ୍ରଦାନ କରିବା ବଦଳରେ ଗୋଟିଏ ଲେଖାଏଁ ପୁସ୍ତକକୀଟରେ ପରିଣତ କରୁଛନ୍ତି । ସେମାନେ ଜାଣି ରଖିବା ଉଚିତ ଯେ ପିଲାମାନଙ୍କର ନୈତିକତାର ସ୍ଖଳନ ପାଇଁ ସେମାନେ ନିଜେ ହିଁ ଦାୟୀ । ସେମାନେ ନିଜେ ଟେଲିଭିଜନ ଦେଖିବା ବେଳେ ପିଲାମାନଙ୍କୁ ବାରଣ କରିବା କେତେ ଦୂର ଯୁକ୍ତିଯୁକ୍ତ । ତାହା ବିଚାର କରିବା ଉଚିତ । ଆଧୁନିକତାର ଦ୍ୱାହି ଦେଇ ମାଆମାନେ ଅଳୀକ ଭୋଗ ବାସନା ପଛରେ ଧାଇଁ ନିଜର ତଥା ପରିବାରର କ୍ଷତି ସାଧନ କରୁଛନ୍ତି । ତେଣୁ ଏପରି ମାଆମାନେ ପିଲାଙ୍କ ପ୍ରତି ବେଳ ହୁଁ ସାବଧାନ ରହିବା ଉଚିତ୍ ।

ଦେଶର ଉତ୍ତର ପୁରୁଷର ବଂଶଧରଗଣ ଆଜିର ମାତୃଜାତି ଦ୍ୱାରା ଗଠିତ ହେବେ । ଅନ୍ତତଃ ଆଗାମୀ କାଳର ବଂଶଧର ମାନଙ୍କୁ ରକ୍ଷା କରିବା ନିମନ୍ତେ ଆଜିର ମାଆ ମାନଙ୍କୁ ସାବଧାନ ହେବାକୁ ପଡ଼ିବ । ଅତୀତ ହେଉ, ବର୍ତ୍ତମାନ ହେଉ, ଭବିଷ୍ୟତ ହେଉ, ସର୍ବକାଳରେ ମାତୃଜାତି ହିଁ ପ୍ରଗତିର ମେରୁଦଣ୍ଡ । ମନେରଖିବା ଉଚିତ ମାତା ହିଁ ଦିବ୍ୟ ଜନନୀଙ୍କ ମୂର୍ତ୍ତିମୟ ପ୍ରତୀକ ଓ ତା ସନ୍ତାନର ପ୍ରଥମ ଶିକ୍ଷକ ।

ଅବସରପ୍ରାପ୍ତ ରିଡର, ଶୈଳବାଳା ମହାବିଦ୍ୟାଳୟ,
ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ,
କଟକ,
ଦୂରଭାଷ : ୯୮୬୧୩୫୫୬୨୮

# ବଞ୍ଚିବାର କଳା

### ହେମନ୍ତ କୁମାର ପରିଡ଼ା

ସଂସାର ଦୁଃଖପୂର୍ଣ୍ଣ । ଜୀବନ ଜଞ୍ଜାଳରେ ଭରା । ଜନ୍ମ, ଜରା, ମୃତ୍ୟୁ ସର୍ବତ୍ର ଦୁଃଖ ହିଁ ଦୁଃଖ । ମାତୃଗର୍ଭର ଯନ୍ତ୍ରଣା ଅକଥନୀୟ । ଜରା ଦୁଃଖ ଠାରୁ ଦୁଃଖ ନାହିଁ । ମୃତ୍ୟୁ ଯନ୍ତ୍ରଣା ଆହୁରି ଭୟଙ୍କର । ଅଳ୍ପେ ବହୁତେ ଏହି ଅନୁଭବ ପ୍ରାୟ ସମସ୍ତଙ୍କର ଅଛି । ଆମର ପୁରାଣ ଶାସ୍ତ୍ର ତଥା ଅନୁଭବୀ ସାଧୁସନ୍ଥମାନେ ଏହା ପ୍ରକାଶ କରିଛନ୍ତି । ଜୀବ ଆସିଛି ଦିନେ ସବୁ ଛାଡ଼ି ସ୍ୱଧାମକୁ ଫେରିଯିବ । ତଥାପି ଏହି ନିତ୍ୟ ପରିବର୍ତ୍ତନଶୀଳ ନାମରୂପାତ୍ମକ ସଂସାରର ମୋହରେ ସମସ୍ତେ ମୋହିତ । ସଂସାର ଆମକୁ ପ୍ରଲୋଭିତ କରୁଛି । ସୁଖର ଆଗାର ବୋଲି ପ୍ରତ୍ୟୟ ହେଉଛି । ବାସ୍ତବରେ ଏହା ଦୁଃଖର ଅପାର ପାରାବାର । ଆମ ସମସ୍ତଙ୍କର ସକଳ ପ୍ରଚେଷ୍ଟାର ଲକ୍ଷ୍ୟ ହେଉଛି ଦୁଃଖ ସାଗରରୁ ନିବୃତ୍ତ ହୋଇ ସୁଖ ଶାନ୍ତି ଆନନ୍ଦରେ ନିବାସ କରିବା । "ସୁଖ ବାଞ୍ଛିତ ସର୍ବହି ତତଃ ଧର୍ମ ସମୁଦ୍ଭବ ।" ଏହି ସୁଖ ଶାନ୍ତି ଆନନ୍ଦ କେଉଁଠି ବଜାରରେ କିଣାବିକା ହୁଏ ନାହିଁ । ଦୁଃଖ ହେଉ ଅଥବା ସୁଖ ଏହା ସବୁ ଆମ କର୍ମର ଅର୍ଜନ ମାତ୍ର ।

ଦୁଃଖ, ସୁଖ ଶାନ୍ତି ଆନନ୍ଦ ହେଉଛି ଆମ ମନର ଏକ ଏକ ଅବସ୍ଥା । ଶରୀର ମାଧ୍ୟମରେ ଏହା ଅନୁଭୂତ ହୁଏ । ଜୀବନ ଧାରଣ କରିଥିବା ପ୍ରତ୍ୟେକଙ୍କ ଜୀବନ କାଳ ଏହି ଅନୁଭବର ଅନୁଭୂତିରେ ଋଦ୍ଧିମନ୍ତ । ଜୀବନର ଗତି କେବଳ ସୁଖ, ଶାନ୍ତି ଆନନ୍ଦଭରା ଗୋଲାପର ଶଯ୍ୟା ନୁହେଁ । ଭଗବାନ ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ ହେଲେ ମଧ୍ୟ ସୁଖଦୁଃଖର ଅନୁଭବ ନେଇ ତାଙ୍କୁ ଜୀବନ ନିର୍ବାହ କରିବାକୁ ହୋଇଥାଏ । ସେ ଭଗବାନ ଶ୍ରୀରାମଚନ୍ଦ୍ର ହୁଅନ୍ତୁ ଅଥବା ଭଗବାନଙ୍କର ପୂର୍ଣ୍ଣାବତାର ଶ୍ରୀ କୃଷ୍ଣଚନ୍ଦ୍ର ହୁଅନ୍ତୁ, ଏମାନେ ମର୍ତ୍ତ୍ୟରେ ମାନବୀୟ ଶରୀର ପରିଗ୍ରହ କରି ମାନବୋଚିତ୍ତ ସୁଖଦୁଃଖ ଭୋଗ କରିଛନ୍ତି । ଜନ୍ମ, ମୃତ୍ୟୁ ଚକ୍ର ଚାଲିଥିବା ଯାଏ ଦୁଃଖ ରହିବ ହିଁ ରହିବ ।

ରାମ ଥିଲେ ଅଯୋଧ୍ୟାର ରାଜକୁମାର । ରାତି ପାହିଲେ ରାଜା ହୋଇଥାଆନ୍ତେ । କିନ୍ତୁ ପିତୃସତ୍ୟ ରକ୍ଷା ଅର୍ଥେ ଆଦେଶ ମିଳିଲା ୧୪ ବର୍ଷ ବନବାସ । କଷାୟ ବସ୍ତ୍ର ପରିଧାନ କରି ସୁକୁମାରୀ ପତ୍ନୀ ସୀତା ଓ ପ୍ରିୟ ଭାଇ ଲକ୍ଷ୍ମଣ ସହିତ ଯତି ବେଶରେ ବନଗମନ କଲେ । ଅଯୋଧ୍ୟାର ରାଜା ହେବାକୁ ଥିବା ଜନପ୍ରିୟ ରାଜକୁମାର ଶ୍ରୀରାମ । ଯାହାଙ୍କ ଶିରରେ ରାଜଛତ୍ର ଶୋଭା ପାଇବା କଥା ସେ ଆଜି ଅଯୋଧ୍ୟାର ରାଜରାସ୍ତାରେ ତପସ୍ୱୀ ବେଶ ଧାରଣ କରି ରିକ୍ତ ପଦରେ ବନଗମନ କରୁଛନ୍ତି । ସାଧାରଣ ମଣିଷର ମନ ନେଇ ଶ୍ରୀରାମଙ୍କର ଅବସ୍ଥାକୁ ଅନୁମାନ କଲେ ଜଣେ ସେ ମାନସିକ ସଂଘାତକୁ ବୁଝିପାରିବ । ସାଧାରଣ ଜୀବନରେ ଏହା ତାଳଗଛରୁ ଖସି ପଡ଼ିବା ଭଳି ଅବସ୍ଥା । ଖାଲି ଏତିକି ନୁହେଁ, ତାଙ୍କ ଜୀବନ ଦେଇ ବହିଯାଇଥିବା ଯେତେସବୁ ଜଞ୍ଜାଳର ଝଞ୍ଜାକୁ ଦୃଢ଼ତାର ସହ ସହିନେଇ ସେ ସଂସାରକୁ ମର୍ଯ୍ୟାଦାର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ଅନନ୍ୟ । ମାନବୀୟ ବୋଧଗମ୍ୟର ବାହାରେ ଈଶ୍ୱରୀୟ ଚେତନାର ପରମ ପରାକାଷ୍ଠା ଶ୍ରୀରାମଙ୍କ ଭିନ୍ନ ଅନ୍ୟତ୍ର ଏହା ସମ୍ଭବ ନୁହେଁ । ଜୀବନରେ ପୀଡ଼ାର ପାହାଡ଼କୁ ଧୈର୍ଯ୍ୟର ସହିତ ସହି ସେ ମାନବ ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି । ସେଥିପାଇଁ ସମାଜ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କହି ସମ୍ମାନ କରୁଛି ।

ଭଗବାନ ଶ୍ରୀକୃଷ୍ଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖର ପାହାଡ଼ ପରେ ପାହାଡ଼ ଅତିକ୍ରମ କରି କରି ଚାଲିଛନ୍ତି । ଯେତେ ଦୁଃଖ ତାଙ୍କ ଜୀବନରେ ଲେଖା ଯାଇଛି, ସାଧାରଣ ଜୀବନରେ ତାହା ଅସହ୍ୟ । ତଥାପି ସକଳ ପ୍ରତିକୂଳ ଅବସ୍ଥାରେ ମଧ୍ୟ ତାଙ୍କ ରଙ୍ଗ ଅଧରରୁ ହସ ଲିଭି ନାହିଁ । ଦୁଃଖ ପିଇ ସୁଖ ବାଣ୍ଟିବାର ଯେଉଁ ମାଧୁର୍ଯ୍ୟମୟ କଳା ସେ ତାଙ୍କ ଜୀବନରେ ପ୍ରଦର୍ଶନ କରିଛନ୍ତି ତା'ର ତୁଳନା ନାହିଁ । ଅଜସ୍ର ଦୁଃଖ ଭିତରେ ସେ ଅ'ୁରନ୍ତ ସୁଖଶାନ୍ତି ଆନନ୍ଦର ଏକ ଅନନ୍ତ ପ୍ରବାହ । ଲୋକେ ତାଙ୍କୁ ଆନନ୍ଦ ମୂର୍ତ୍ତି କହି ଅର୍ଚ୍ଚନା କରୁଛନ୍ତି । ତାଙ୍କର ଜନ୍ମକର୍ମ ସବୁ ମଧୁର । ଏପରିକି ତାଙ୍କ ଦାନ୍ତି ମୁଗ୍ଧ ମଧୁର ବୋଲି ବର୍ଣ୍ଣିତ ହୋଇଛି । ତାଙ୍କର ଚାଲିଚଳଣ, ଆଚରଣ, ଉଚ୍ଚାରଣ, ଦୃଷ୍ଟିକୋଣ ସବୁଥିରେ ଅମୃତ ଆନନ୍ଦର ପ୍ଲାବନ ପରିଲକ୍ଷିତ ହୁଏ । ବିଶ୍ୱ ସୃଷ୍ଟିରେ ତାଙ୍କୁ ଶ୍ରେଷ୍ଠ ବ୍ୟକ୍ତି ଭାବରେ ପୁରୁଷୋତ୍ତମ ରୂପେ ବିବେଚନା କରାଯାଇଛି । ନିଜ ଇଚ୍ଛାରେ ବିସ୍ତାର କରାଇଥିବା ବିଶାଳ ଯାଦବ ବଂଶକୁ ଆପଣା ଦେହାତରେ ଧ୍ୱଂସ କରି ଶେଷରେ ଜରା ଶବରର ଶରାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କଲେ । ମନରେ ଶୋଚନା ନାହିଁ କିମ୍ବା ଅନୁଶୋଚନା ମୁଗ୍ଧ ନାହିଁ । ଶେଷମୁହୂର୍ତ୍ତରେ ମୁଗ୍ଧ ସେ ତାଙ୍କ ପ୍ରିୟ ସଂସାରରୁ ପ୍ରଶାନ୍ତ ମୁଖମଣ୍ଡଳର ଶାନ୍ତ ମଧୁର ଶେଷ ହସରେ ବିଦାୟ ନେଲେ । ଜୀବନର ସମସ୍ତ ଜଞ୍ଜାଳକୁ ଆଞ୍ଜୁଳା ଆଞ୍ଜୁଳା କରି ପିଇ ଯାଇ ସୃଷ୍ଟିକୁ ସୁନ୍ଦର ମଧୁର ପ୍ରେମାନନ୍ଦ ଲାଭର ପ୍ରଶିକ୍ଷଣ ଦେଇ ସେ ସାରା ବିଶ୍ୱବାସୀଙ୍କୁ ବଞ୍ଚିବାର କଳା ଶିଖାଇ ଦେଇଗଲେ । ତେଣୁ ତାଙ୍କର ସାମଗ୍ରିକ ଜୀବନଚର୍ଯ୍ୟାକୁ ଆକଳନ କରି ସମାଜ ତାଙ୍କୁ ଲୀଳା ପୁରୁଷୋତ୍ତମ କହି ବନ୍ଦନା କରୁଛି ।

ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଥିବା ଅନେକ ମହାମାନବ ଆପଣା ଆଦର୍ଶ ଜୀବନଚର୍ଯ୍ୟା ଦ୍ୱାରା ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି । ବେଦ ଭଗବାନ ହୁଅନ୍ତୁ ଅଥବା ଉପନିଷଦ, ପୁରାଣ ଆଦି ଶାସ୍ତ୍ରମାନେ ହୁଅନ୍ତୁ, ସବୁଥିରେ ମାନବ ସମାଜ ପାଇଁ ବଞ୍ଚିବାର କଳା ଶିକ୍ଷା ଭରି ରହିଛି । ଭଗବାନ ସ୍ୱୟଂ ତାଙ୍କ ଶ୍ରୀମୁଖ ନିସୃତ ଗୀତା ଗ୍ରନ୍ଥରେ ଅତି ସ୍ପଷ୍ଟ ଭାବେ ମଣିଷକୁ ବଞ୍ଚିବାର କଳା ଶିକ୍ଷା ଦେଇଛନ୍ତି । ଗୀତାର ତେର ଅଧ୍ୟାୟର ପ୍ରକୃତିର ସ୍ୱରୂପ ବର୍ଣ୍ଣନା କରି ଅତିସୁନ୍ଦର ଭାବେ ଭଗବାନ ସେଥିରୁ ନିବୃତ୍ତ ହେବାର ଜ୍ଞାନ ପ୍ରଦାନ କରିଛନ୍ତି । ଅମାନିତ୍ୱ, ଅଦାମ୍ଭିକତା, ଅହିଂସା, କ୍ଷମା, ସରଳତା, ନିଷ୍ଠାର ସହିତ ଗୁରୁସେବା, ବାହ୍ୟ ଅଭ୍ୟନ୍ତର ଉଭୟ ଶୁଦ୍ଧି, ସ୍ଥିରତା, ସୌର୍ଯ୍ୟ ବା ସହିଷ୍ଣୁତା, ମନନିଗ୍ରହ, ଇନ୍ଦ୍ରିୟମାନଙ୍କ ବିଷୟରୁ ବୈରାଗ୍ୟ, ଅହଂକାରରହିତ ହେବା, ଜନ୍ମମୃତ୍ୟୁ, ଜରା ବ୍ୟାଧିରେ କବଳିତ ଶରୀର ପ୍ରତି ବାରମ୍ବାର ଦୋଷଦର୍ଶନ କରିବା, ଆସକ୍ତି ରହିତ ହେବା, ପୁତ୍ରଦାରା, ଗୃହ ଆଦିଠାରୁ ଅନାସକ୍ତ ରହିବା, ଅନୁକୂଳତା ଓ ପ୍ରତିକୂଳତା ପ୍ରାପ୍ତିରେ ଚିତ୍ତ ସମ ବା ସ୍ଥିର ରହିବା, ଈଶ୍ୱରଙ୍କ ପ୍ରତି ଅନନ୍ୟ ଯୋଗ ଦ୍ୱାରା ଅବ୍ୟଭିଚାରିଣୀ ଭକ୍ତି ରଖିବା, ଏକାନ୍ତ ବାସ, ଜନସମ୍ପର୍କରେ ପ୍ରୀତି ରହିତ ଭାବ, ଆଧ୍ୟାତ୍ମ ଜ୍ଞାନରେ ନିତ୍ୟଯୁକ୍ତ ରହିବା, ତତ୍ତ୍ୱଜ୍ଞାନର ଅର୍ଥସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା ଆଦି ଏହି କୋଡ଼ିଏଟି ହେଉଛି ଜ୍ଞାନ ପ୍ରାପ୍ତିର ସାଧନ । ଏହି ଦିବ୍ୟଗୁଣଗୁଡ଼ିକୁ ଜଣେ ଜୀବନରେ ଧାରଣ କଲେ ସେ ଜୀବନରେ ବଞ୍ଚିବାର କଳା ଶିଖିଯିବ । ସେ ସ୍ଥିତଧୀ ହୋଇଯିବ । ତା'ର ଦିବ୍ୟ ସ୍ଥିତି ଲାଭ ହେବ । ଯାହାଦ୍ୱାରା ତାକୁ ଆଉ ଦୁଃଖ, ଶୋକ, ତାପ ପ୍ରଭାବିତ କରିପାରିବ ନାହିଁ । ସର୍ବତ୍ର ସର୍ବକାଳରେ ଆନନ୍ଦ ହିଁ ଆନନ୍ଦ ଉପଲବ୍ଧ ହେବ ।ସନାତନ ଧର୍ମରେ ଭାରତୀୟ ସଂସ୍କୃତିର ମୂଳ ଲକ୍ଷ୍ୟ ହେଉଛି କିଭଳି ପ୍ରତ୍ୟେକ ବ୍ୟକ୍ତି ପ୍ରସାଦ ପ୍ରାପ୍ତ ହୋଇ ଆନନ୍ଦମୟ ଜୀବନଯାପନ କରିବେ । ସତ୍ୟଦ୍ରଷ୍ଟା ମୁନିଋଷି ମାନେ ତାଙ୍କ ଦିବ୍ୟଦୃଷ୍ଟି ବଳରେ ବହୁ ଅନୁସନ୍ଧାନରୁ ଅନୁଭବ କଲେ ବ୍ୟକ୍ତି ବଦଳିଲେ ସମାଜ ବଦଳିବ । ଏକ ସୁସ୍ଥ ସୁନ୍ଦର ସ୍ୱାବଲମ୍ବୀ ସମାଜ କେବଳ ଶାନ୍ତ ସୁନ୍ଦର ବିଶ୍ୱ ନିର୍ମାଣରେ ସହାୟକ ହୋଇପାରିବ । ସେମାନେ ମାନବର ଜୀବନ କାଳକୁ ହାରାହାରି ଶହେବର୍ଷ ଆକଳନ କରି ତାକୁ ଚାରିଗୋଟି ଆଶ୍ରମରେ ବିଭାଜନ କରିଛନ୍ତି । ସେସବୁ ହେଲେ ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ଥ୍ୟାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ନ୍ୟାସ ଆଶ୍ରମ । ଏକ ପରିପୂର୍ଣ୍ଣ ଜୀବନର ପରିଭାଷା ଏହି ଆଶ୍ରମ ସବୁରେ ଲିପିବଦ୍ଧ ହୋଇଛି । ବ୍ରହ୍ମଚର୍ଯ୍ୟାଶ୍ରମ ହେଉଛି ବିଦ୍ୟାର୍ଥୀ ଜୀବନ । ଏହା ପ୍ରସ୍ତୁତି ପର୍ବ । ଗାର୍ହସ୍ଥ୍ୟ ଜୀବନ ହେଉଛି ପ୍ରୟୋଗ ପର୍ବ । ବାନପ୍ରସ୍ଥାଶ୍ରମ ହେଉଛି ପର୍ଯ୍ୟବେକ୍ଷଣ ପର୍ବ ଏବଂ ସନ୍ନ୍ୟାସାଶ୍ରମ ହେଉଛି ସତ୍ୟର ଅନୁଭବ ବା ଆତ୍ମ ଉପଲବ୍ଧି ପର୍ବ । ଧୀରେ ଧୀରେ ବୃକ୍ଷ ପରିବର୍ଦ୍ଧିତ ହୋଇ ପରିଶୋଭବାନ ହେବା ସହ ଜଗତ ହିତରେ ସମର୍ପିତ ହେଲାପରି ଆମ ଜୀବନ କଳାତ୍ମକ ହୋଇ ସଂସାରର ଶୋଭା ବର୍ଦ୍ଧନ ସହିତ ହିତ ସାଧନରେ ରତ ରହିଲେ ସରଳ ଓ ସାର୍ଥକ ହୋଇପାରିବ ।

ମାଳତୀ କୁଞ୍ଜ, ପ୍ଲଟ-ନଂ-୫୨୬ ଡି, ସେକ୍ଟର-୧୦, ସିଡ଼ିଏ,
କଟକ, ମୋ- ୮୭୬୩୧୦୭୧୨୬

# କାନରେ ପାଣି ପଶିଗଲେ

### ନାରାୟଣ ଚନ୍ଦ୍ର ବିଶ୍ୱାଳ

ଗାଧୋଇବା କିମ୍ବା ପହଁରିବା ବେଳେ କେବେ କେବେ କାନରେ ପାଣି ପଶିଯିବା ଏକ ସାଧାରଣ କଥା । ଏହାଦ୍ୱାରା କାନ ଭାରି ଲାଗିବା, କୁଣ୍ଡେଇ ହେବା କିମ୍ବା ତାବଦା ଲାଗିବା ଭଳି ଲକ୍ଷଣ ଦେଖାଦିଏ ଏବଂ ପାଣି ବାହାରିଗଲେ ବା ପୋଛି ଦେଲେ କାନ ସାଧାରଣ ଅବସ୍ଥାକୁ ଚାଲିଆସେ । ହେଲେ କେବେ କେବେ ଏହାକୁ ଠିକ ଭାବରେ ସଫା ନକଲେ କିମ୍ବା ଅଣଦେଖା କଲେ କାନର ଇନଫେକସନ ହୋଇ ଜଟିଳ ସମସ୍ୟା ବି ସୃଷ୍ଟି ହୋଇପାରେ । ଜାଣି ରଖନ୍ତୁ କାନରେ ପାଣି ପଶିଗଲେ କ'ଣ କରିବେ.. ।

ଯେଉଁ କାନରେ ପାଣି ପଶିଛି, ସେହି ପାଖ ମୁଣ୍ଡକୁ ତଳକୁ କରି କାନ ଉପରେ ପାପୁଲି ରଖି କିଛି ସମୟ ଚାପି ଧରନ୍ତୁ ଏବଂ ଛାଡ଼ି ଦିଅନ୍ତୁ, ଦେଖିବେ ପାଣି ବାହାରି ଆସିବ । ଏପରି ନ ବାହାରିଲେ ମୁଣ୍ଡକୁ ପୂର୍ବ ଅବସ୍ଥାରେ ନୁଆଁଇ ରଖି କାନ ଫରିକୁ ଧୀରେ ଧୀରେ ହଲାନ୍ତୁ । ଏହାଦ୍ୱାରା କାନର ନଳୀ ସିଧା ହୋଇ ପାଣି ବାହାରି ଆସିବ । ଶୁଖିଲା କପଡ଼ାରେ ଧୀରେ ଧୀରେ କାନକୁ ପୋଛି ଆଣନ୍ତୁ । ଏପରି କଲେ ମଧ୍ୟ ପାଣି ଶୁଖିଯିବ ଏବଂ ଫଙ୍ଗାଲ ଇନଫେକ୍ସନ ହେବ ନାହିଁ । ମନେ ରଖନ୍ତୁ, ଏହା ଯେପରି କାନ ଭିତରକୁ ଆଦୌ ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ପାଣି ଭିତରକୁ ଥିଲେ ଏପରି କଲେ ବି କୌଣସି ଉପକାର ମିଳି ନଥାଏ । ଏମିତିରେ ହେୟାର ଡ୍ରାୟର ମଧ୍ୟ କାମରେ ଆସିପାରେ । ଏଥିପାଇଁ ହେୟାର ଡ୍ରାୟରକୁ ଲୋ ହିଟ ମୋଡ଼ରେ ସେଟ କରି କାନ ଠାରୁ ଏକ ଫୁଟ ଦୂରରେ ରଖି ଅନ କରନ୍ତୁ । ହାଲୁକା ଗରମ ପବନ ବାଜିଲେ କାନରେ ପଶି ରହିଥିବା ପାଣି ବାହାରି ଆସିବ ଏବଂ କାନ ଭିତରେ ଓଦା ନରହି ଶୀଘ୍ର ଶୁଖି ମଧ୍ୟ ଯିବ । ହେଲେ ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ ନିଜେ ହେୟାର ଡ୍ରାୟର ନ ଧରି ଅନ୍ୟର ସାହାଯ୍ୟ ନେବା ଭଲ । ଯଦି ଏହିସବୁ ଉପାୟ ପରେ ବି କାନରୁ ପାଣି ନବାହାରେ କିମ୍ବା କାନରେ ଯନ୍ତ୍ରଣା ଅନୁଭବ ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ଇୟର ଡ୍ରପ ପକାଇ ପାରିବେ କିମ୍ବା ଡାକ୍ତରଖାନାରେ ପାଣି ବାହାର କରିପାରିବେ ।

ମନେରଖନ୍ତୁ ଇୟର ବଡ଼ କିମ୍ବା କୌଣସି କାଠି ଯେପରି ଦିଆସିଲି କାଠିରେ ତୁଳା ଗୁଡ଼ାଇ କିମ୍ବା ଚାପି ଆଦିକୁ ପାଣି ବାହାର କରିବା ଲାଗି କାନରେ ଆଦୌ ପୁରାନ୍ତୁ ନାହିଁ । ଏହାଦ୍ୱାରା କାନକୁ କ୍ଷତି ପହଞ୍ଚିପାରେ ।

ବାକ୍‌ଶ୍ରବଣ ବିଶେଷଜ୍ଞ, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦

# ଥୋପ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମୋର ପିଲାଦିନ, ବହୁ ମାରାତ୍ମକ କୁସଙ୍ଗ ସମ୍ବନ୍ଧରେ ଆସିଥିଲା । ପାଠ ପଢ଼ିବାରେ ହେଳା କଲେ ଘରେ ମାଡ଼, ଚାଟଶାଳୀ ମାଷ୍ଟର ଆପଣଙ୍କ ମାଡ଼, ଚାହାଳିକୁ ପାଠ ପଢ଼ିବାକୁ ଯିବାରେ ଏକ ନାଳ ପାରି ହେବାକୁ ପଡୁଥିଲା । ମୋ ବୋଉ ସକାଳ ପାଇଟି କରିବାକୁ ଡେରିହୁଏ ମୋତେ ଯେଉଁଦିନ ସେ ଚାଟଶାଳୀ ଛାଡ଼ିବାକୁ ଯିବା କିଛି ଡେରିହେଲେ ଯେଉଁ ଉପସ୍ଥାନ କ୍ରମ ଥାଏ ତାହା ବିଳମ୍ବ ହୁଏ । ଉପସ୍ଥାନ ତକ୍ରାଳ ଥିଲା ଶୂନରୁ କ୍ରମ ଆରମ୍ଭ ଆଗ ଉପସ୍ଥିତ ପିଲା ଶୂନ ପାଏ ଯାହା ମାଷ୍ଟର ଆପଣଙ୍କ ଗୌରାଙ୍ଗ ଦାସ ରୁପି ବେତକୁ ଦୁଇ ହାତ ଯୋଡ଼ିରେ ଟିକି ସ୍ପର୍ଶ କରନ୍ତି ମାତ୍ର ଯେତେ କ୍ରମବଢ଼େ, ସେହି ସଂଖ୍ୟାର ସଟାଙ୍ଗ, ସଟାଙ୍ଗ ପାହାର ହାତ ପାପୁଲିରେ ବସେ । ଏମିତି ପାହାର ମୋର ସଦା ପ୍ରାପ୍ୟ ହେଉଥିଲା । ମାଡ଼ କଷ୍ଟ କହିଲେ ଘରେ ତ୍ରାହି ନାହିଁ । ବେଳେ ବେଳେ ଭାତହାଣ୍ଡିରୁ ଦେଇପିଣ୍ଡି ଘରେ ସକାଳୁ ମୋ ପରି ମାଡ଼ ଡରୁଆ ପିଲା ଛୁଇଁ ବସୁଥିଲେ, ଦେଇ ପିଣ୍ଡିକୁ ଅଗାଧୁଆ କେହି ଯାଆନ୍ତି ନାହିଁ, କେବଳ ଛୋଟିଆ ବାଲୁତ ପିଲା ଯାଆନ୍ତି, ଫଳରେ ପିଲାଟିକୁ ଥୋପ ଦେଖାଇ ମୋ ପରି ପିଲାଙ୍କୁ ମିଠା ଖାଦ୍ୟ, ଖେଳନାରେ ଭୁଲାଇ ଦେଇପିଣ୍ଡି ଘରୁ ସେହ ଚାହାଳୀକୁ ନେଇ ଆପଣେଙ୍କୁ ନେହୁରା ହୋଇ କିଛି ଦିନ ଦଣ୍ଡ ଲାଘବ କରୁଥିଲେ ।

ଉଚ୍ଚଶିକ୍ଷା ପାଇଁ ଦୂର ସ୍ଥାନ ହାଇସ୍କୁଲକୁ ଚାଲିଯିବା, ଖେଳବୁଲା କରି, ହେଳା ହେଲେ ମୃଦୁ ଗଞ୍ଜଣା ତାହା ଆଗକୁ ନ ମାନିଲେ ଛୋଟ ବେତର ଭୟ ଦେଖା ନହେଲେ କାନଧରି ବସ ଉଠ ଦଣ୍ଡ, ଏଥିରେ ପିଲା ପିଠିଆ ଶଙ୍କର ଯଦି ହେଉଛି, ତାର (ଏଲପି) ଲାଷ୍ଟ ପ୍ରେଜେଣ୍ଟ ସ୍ୱରୂପ କିଛି ଅର୍ଥ ଦଣ୍ଡ କରାଯାଉଥିଲା । ପୂର୍ବେ ମାସିକ ଦରମା ଦେଇ ପାଠ ପଢ଼ାଯାଉଥିଲା ସେ ଅର୍ଥଦଣ୍ଡ ଦରମା ସହ ଆଦାୟ ହେବା ବ୍ୟବସ୍ଥା ଥିଲା । ଅର୍ଥ ପିଲାର ମୁରବୀ, ବାପାକାକା ବହନ କରୁଥିଲେ । ସେତେବେଳେ ଅର୍ଥ ବହୁ କଷ୍ଟରେ ଆୟ, ପିଲାର ଦରମା ଭରିବା ବି ଅନେକଙ୍କୁ କଷ୍ଟ ଥିଲା । ମୋର ଏପରି ଦୁର୍ଗୁଣ ଥିଲା ଚାରି ପାଞ୍ଚ କିଲୋମିଟର ପଥ ନାଲି ଗେଙ୍ଗୁଟି ପଥରବିଛା ରାସ୍ତାରେ ଖାଲି ପାଦରେ ଚାଲି ଚାଲି ଘରଠାରୁ ସାଙ୍ଗ ମେଳରେ ଆସିବାରେ ଅନେକ ଦିନ ଡେରି ଏପରି ଦଣ୍ଡ ଓ ଅର୍ଥଦଣ୍ଡ ଭୋଗିଛି । ଏପରି ଅବସ୍ଥାରେ ଦୁଷ୍ଟ ବୁଦ୍ଧିରେ ଶିକ୍ଷକଙ୍କ ଆଗରେ ମିଛ ଆଳ ବାଟରେ ଝାଡ଼ା ଲାଗିଲା ପରି କେତେ ଥର କହିବାକୁ ପଡ଼ିଛି । ଏମିତି ଘରେ ବି ଅର୍ଥ ଦଣ୍ଡ ପାଇଁ ଛଳନା ବାକ କହିବାକୁ ପଡ଼ିଛି, ହେଲେ ଘରେ ଓ ଶିକ୍ଷକ ଜାଣିବି ଥଟା କରି କହନ୍ତି କିରେ ଆଜିକଣ ପେଟ ଖରାପ ଥିଲା ନା ବାଟରେ ଅଟକ କଲାକି କଟକ ମିଛ କହି ସାମୟିକ ରକ୍ଷା କିଛିଦୁଷ୍ଟ ପିଲାଙ୍କ ପାଖରୁ ଶିଖିବା, ବୃଥା ସମୟ ଯେ କୌଣସି ଛାତ୍ରଙ୍କ ଜୀବନରେ ଆସିପାରେ । ମୁଁ ଏଥିରେ ବାଦ ନଥିଲି । ମୋର ଶିକ୍ଷକମାନେ ଅନେକ କ୍ଷମା କରିଛନ୍ତି, ସେମାନଙ୍କର ଉଦ୍ଦେଶ୍ୟରେ ଛାତ୍ରଟି କେମିତି ମଣିଷ ହେଉ । ଘରେ ଗଣେଶ ପୂଜା ସରସ୍ୱତୀ ପୂଜାକୁ ନୂଆ ପୋଷାକ ଏକ ପ୍ରକାର ମନ ତୋଷ ଥୋପକୁ ପରୀକ୍ଷାରେ ପାସ କଲେ ଏପରି ଅନେକ ଥୋପ ପର ପାଠ ପଢ଼ା ପାଇଁ ଲାଗୁଥିଲା ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ : ୯୪୩୭୦୩୧୨୫୩



# ଉତ୍ତରପ୍ରଦେଶରେ ୮ ଜିଲ୍ଲାକୁ ରେଡ୍ ଆଲର୍ଟ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ରାଜଧାନୀ ଦିଲ୍ଲୀ ପରେ ଉତ୍ତରପ୍ରଦେଶରେ ଘନ କୁହୁଡ଼ି ଚେତାବନୀ । ଦିଲ୍ଲୀ ଏବଂ ଉତ୍ତରପ୍ରଦେଶ ସମେତ ଦେଶର ଉତ୍ତର ରାଜ୍ୟଗୁଡ଼ିକରେ କୁହୁଡ଼ି ଏକ ପ୍ରମୁଖ ସମସ୍ୟା ଭାବେ ଉଭାହେଲାଣି । ପଞ୍ଜାବ ଏବଂ ହରିୟାଣା ଭଳି ରାଜ୍ୟଗୁଡ଼ିକରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ପାଣିପାଗ ବିଭାଗର ସୂଚନାନୁସାରେ, ଆସାମ, ମେଘାଳୟ, ବିହାର, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ପଞ୍ଜାବ ଏବଂ ଉତ୍ତରପ୍ରଦେଶର କିଛି ସ୍ଥାନରେ ଅତି ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି । ଅନ୍ୟପଟେ ଅରୁଣାଚଳପ୍ରଦେଶ, ଛତିଶଗଡ଼, ପୂର୍ବ ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ, ଜମ୍ମୁ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ଓଡ଼ିଶା, ଉପ-ହିମାଳୟୀ ପଶ୍ଚିମବଙ୍ଗ ଏବଂ ସିକିମ୍ ଏବଂ ଉତ୍ତରାଖଣ୍ଡର କିଛି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି । ଡିସେମ୍ବର ୨୬ ସକାଳ ପର୍ଯ୍ୟନ୍ତ ଲୋକଙ୍କୁ ସତର୍କ କରାଇ ଆଇଏମଡି କହିଛି ଯେ, ଦୃଶ୍ୟମାନତା କମ୍ ରହିବ । ତେଣୁ ସତର୍କତାର ସହିତ ଯାତ୍ରା କରିବାକୁ ପରାମର୍ଶ ଦିଆଯାଇଛି । ଉତ୍ତରପ୍ରଦେଶର ୮ଟି ଜିଲ୍ଲାରେ ଘନ କୁହୁଡ଼ି ପାଇଁ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଛି । ଏହି ଜିଲ୍ଲାଗୁଡ଼ିକ ହେଉଛି ବରେଲି, ବାରବାଙ୍କି, ଲକ୍ଷ୍ନୌ, ବହରାଇଚ୍, ଶ୍ରାବସ୍ତି, ପ୍ରୟାଗରାଜ, ଭଦୋହି, ବାରାଣାସୀ ଏବଂ ମିର୍ଜାପୁର । ଅତ୍ୟଧିକ ଘନ କୁହୁଡ଼ି ହେତୁ ଏହି ଜିଲ୍ଲାଗୁଡ଼ିକରେ ଦୃଶ୍ୟମାନତା ୫୦ ମିଟର ତଳକୁ ଖସିପାରେ । ୧୮ ଜିଲ୍ଲା ପାଇଁ ଏକ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି, ଯେଉଁଠାରେ ୨୦୦ରୁ ୫୦ ମିଟର ମଧ୍ୟରେ ଦୃଶ୍ୟମାନତା ରହିବ ବୋଲି ଆଶା କରାଯାଉଛି । ଏହି ଜିଲ୍ଲାଗୁଡ଼ିକ ହେଉଛି ମୋରାଦାବାଦ, ରାମପୁର, ଲକ୍ଷ୍ମୀପୁର-ଖେରୀ, ପିଲିବିଟ୍, ସୀତାପୁର, ବଲରାମପୁର, ସିଦ୍ଧାର୍ଥ ନାଗର, ବସ୍ତି, ଗୋଣ୍ଡା, ସନ୍ଥ କବୀର ନଗର, ଗୋରଖପୁର, ଆମ୍ବେଦକର ନଗର, ଅଯୋଧ୍ୟା, ସୁଲତାନପୁର, ଆଜମଗଡ଼, ଜୌନପୁର, ଚନ୍ଦୋଲି ।

# ୬୨% ମୁଖ କର୍କଟ ରୋଗର କାରଣ ମଦ୍ୟପାନ, ତମାଖୁ ସେବନ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ଭାରତରେ ମଦ୍ୟପାନ ଓ ତମାଖୁ ସେବନ ମୁଖ କର୍କଟ ରୋଗର ଏକ ପ୍ରମୁଖ କାରଣ । ଏନେଇ ବୁଧବାର ଏକ ରିପୋର୍ଟରେ ପ୍ରକାଶ ପାଇଛି । ଅଧ୍ୟୟନ ଅନୁଯାୟୀ, ଭାରତରେ ୧୦ ଜଣଙ୍କ ମଧ୍ୟରୁ ୬ରୁ ଅଧିକ ଲୋକ ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତୁତ ମଦ ସହିତ ଗୁଟଖା, ଖଇନି ଏବଂ ପାନ, ତମାଖୁ ଆଦି ଉତ୍ପାଦ ସେବନ କରିବା ଫଳରେ ମୁଖ କର୍କଟ ରୋଗରେ ପୀଡ଼ିତ ହେଉଛନ୍ତି । ମହାରାଷ୍ଟ୍ରର ସେଣ୍ଟର ଫର୍ କ୍ୟାନସର ଏପିଡେମିଓଲୋଜି ଏବଂ ହୋମି ଭାବା ନ୍ୟାସନାଲ୍ ଇନଷ୍ଟିଚ୍ୟୁଟର ଗବେଷକଙ୍କ ଏକ ଟିମ୍ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ଆସିଛି । ଏହି ରିପୋର୍ଟରୁ ଜଣାପଡ଼ିଛି ଯେ, ଦିନକୁ ୨ ଗ୍ରାମରୁ କମ୍ ମଦ ପିଇବା ଦ୍ୱାରା ମୁଖ ଗହ୍ୱର କର୍କଟ ହେବାର ଆଶଙ୍କା ବଢ଼ିଯାଏ । ସେହିଭଳି ଦିନକୁ ୯ ଗ୍ରାମ୍ ମଦ୍ୟପାନ, ମୁଖ କର୍କଟ ହେବାର ଆଶଙ୍କା ପ୍ରାୟ ୫୦% ବୃଦ୍ଧି କରିଥାଏ । ଭାରତରେ ମଦ୍ୟପାନ ମୁଖ ଗହ୍ୱର କର୍କଟ ରୋଗର ୧୧.୫% ପାଇଁ ଦାୟୀ, ତମାଖୁ ୬୨% ପାଇଁ ଦାୟୀ । ଓପନ୍-ଆକ୍ସେସ୍ ଜର୍ଣ୍ଣାଲ୍ ବିଏମ୍ଜେ ଗ୍ଲୋବାଲ୍ ହେଲ୍ଥରେ ବିସ୍ତୃତ ଭାବରେ ପ୍ରକାଶିତ ଫଳାଫଳରୁ ଜଣାପଡ଼ିଛି ଯେ, ଭାରତରେ ସମସ୍ତ ମୁଖ ଗହ୍ୱର କର୍କଟ ମାମଲା ମଧ୍ୟରୁ ୧୦ ଜଣରୁ ଅଧିକ ମଦ୍ୟପାନ ଦ୍ୱାରା ହୋଇଥାଏ । ମେଘାଳୟ, ଆସାମ ଏବଂ ମଧ୍ୟପ୍ରଦେଶ ଭଳି କିଛି ରାଜ୍ୟରେ ଏହାର ହାର ଅଧିକ । ଯଦିଓ ତମାଖୁ ବ୍ୟବହାର ଏକ ଦୀର୍ଘକାଳୀନ ସମସ୍ୟା ହୋଇଆସିଛି, ତଥାପି ମଦ୍ୟପାନ ମୁଖ କର୍କଟ ରୋଗର ବିପଦର ଏକ ପ୍ରମୁଖ କାରଣ ବୋଲି ଗ୍ରେସ୍ ସାରା ଜର୍ଜଙ୍କ ନେତୃତ୍ୱରେ ଗଠିତ ଗବେଷଣା ଦଳ କହିଛନ୍ତି । ଇଥାନଲ୍ ପାଟି ଭିତରର ଚର୍ବି ଆବରଣକୁ ପ୍ରଭାବିତ କରିପାରେ; ଏହି ଆବରଣ ଏହାକୁ ଦୁର୍ବଳ କରିଦିଏ । ଦେଶୀ ମଦରେ ଥିବା ବିଷାକ୍ତ ପଦାର୍ଥର ଉଚ୍ଚ ସ୍ତର ମୁଖ କର୍କଟ ବୃଦ୍ଧିରେ ସହାୟକ ହେଉଛି । ଯାହା ଫଳରେ ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ୪୪ ହଜାର ନୂଆ ମାମଲା ଦେଖାଯାଉଥିବା ବେଳେ ୮୦ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି । ସ୍ଥାନୀୟ ଭାବେ ଉତ୍ପାଦିତ ମଦରେ ପ୍ରାୟତଃ ମିଥାନଲ୍ ଏବଂ ଏସିଟେଲ୍ଡିହାଇଡ୍ ଭଳି ବିଷାକ୍ତ ପଦାର୍ଥ ମିଶିଥାଏ, ଯାହା ଏହି ପାନୀୟଗୁଡ଼ିକୁ ଅଧିକ ବିପଜ୍ଜନକ କରିଥାଏ । ମୁଖ କର୍କଟ ହେଉଛି ଭାରତରେ ଦ୍ୱିତୀୟ ସବୁଠାରୁ ସାଧାରଣ କର୍କଟ । ଗବେଷକମାନେ ଆକଳନ କରନ୍ତି ଯେ, ଏହି ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଛି ଓ ପ୍ରତି ୧ ଲକ୍ଷ ଭାରତୀୟ ପୁରୁଷଙ୍କ ମଧ୍ୟରୁ ପ୍ରାୟ ୧୫ ଜଣ ଏଥିରେ ପୀଡ଼ିତ । ମଦ ପିଉଥିବା ଲୋକଙ୍କ ମଧ୍ୟରେ ମୁଖ କର୍କଟ ଆଶଙ୍କା ୬୮% ଅଧିକ; ଲୋକାଲ ମଦ ପିଉଥିବା ଲୋକଙ୍କ ମଧ୍ୟରେ ଏହା ୮୭% ବୃଦ୍ଧି ପାଏ । ଯେଉଁମାନେ ଆନ୍ତର୍ଜାତୀୟ ବ୍ରାଣ୍ଡର ମଦ୍ୟପାନ କରିଥିଲେ, ଯେପରିକି ବିୟର, ହ୍ୱିସ୍କି, ଭୋଡ୍କା, ରମ୍ ଏବଂ ବ୍ରିଜର୍ସ ଏବଂ ଯେଉଁମାନେ ସ୍ଥାନୀୟ ଭାବରେ ଉତ୍ପାଦିତ ମଦ୍ୟପାନ କରୁଥିଲେ, ଯେପରିକି ଆପୋଙ୍ଗ, ବାଂଲା, ଚୁଲ୍ଲୀ, ଦେଶୀ ମଦ ଏବଂ ମହୁଆ, ସେମାନଙ୍କ ପାଇଁ ବିପଦ ୭୨% ପ୍ରତିଶତ ଥିଲା । ମୁଖ କର୍କଟ ରୋଗକୁ ରୋକିବା ପାଇଁ ମଦ୍ୟପାନ ଏବଂ ତମାଖୁରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଜରୁରୀ । ତେଣୁ ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପ ଅତ୍ୟନ୍ତ ଜରୁରୀ ।

# ଆହୁରି କଲବଲ କରିବ ଦିଲ୍ଲୀ ପ୍ରଦୂଷଣ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ନୂଆଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ନେଇ ବଡ଼ ଖବର । ଦିଲ୍ଲୀର ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିର୍ସା ଚେତାବନୀ ଦେଇଛନ୍ତି ଯେ, ଆସନ୍ତାକାଲିଠାରୁ ପଶ୍ଚିମା ବାୟୁ ପ୍ରଭାବରେ ଦିଲ୍ଲୀର ପାଗ ପୁନର୍ବାର ଖରାପ ହୋଇପାରେ । ଘନ କୁହୁଡ଼ିର ଆଶଙ୍କା ଅଧିକ । ପୂର୍ବ ବର୍ଷର ତଥ୍ୟ ଅନୁଯାୟୀ, ବାୟୁ ଗୁଣବତ୍ତା ଆହୁରି ଖରାପ ହେବାର ଆଶଙ୍କା ରହିଛି । ଏନେଇ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ଚିନ୍ତା ପ୍ରକଟ କରିଛନ୍ତି ଦିଲ୍ଲୀର ପରିବେଶ ମନ୍ତ୍ରୀ । ଆଜି ମଧ୍ୟ ଦିଲ୍ଲୀର ବାୟୁର ମାନ ଅତି ଖରାପ ସ୍ଥିତିରେ ରହିଛି । ଆଜି ସକାଳେ ଦିଲ୍ଲୀର ଏକ୍ୟୁଆଇ ୩୦୫ ଥିଲା, ଯାହା ଅତିଖରାପ ଶ୍ରେଣୀରେ । ଆଇଟିଓ, ଆନନ୍ଦ ବିହାର, ବବାନା ଆଦି ଅଞ୍ଚଳରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି । ଜିଆରଏପି-୪ ଉଠାଇ ଦିଆଯାଇଥିଲେ ମଧ୍ୟ ପରିବେଶ ମନ୍ତ୍ରୀ ଦିଲ୍ଲୀବାସୀଙ୍କୁ





ସତର୍କ ରହିବାକୁ ଏବଂ ପ୍ରଦୂଷଣ କମ୍ କରିବା ପାଇଁ ସାମୂହିକ ପ୍ରୟାସ ଜାରି ରଖିବାକୁ ଅପିଲ୍ କରିଛନ୍ତି । ସେ ସୂଚନା ଦେଇଛନ୍ତି ଯେ, ଦିଲ୍ଲୀ ସରକାର ଜଳାଶୟ ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ତେବେ ଦିଲ୍ଲୀର ଏହି ଅବସ୍ଥା ପାଇଁ ଅନେକ କାରଣ ଦାୟୀ । ପ୍ରଥମତଃ, ପଡ଼ୋଶୀ ରାଜ୍ୟ ପଞ୍ଜାବ ଏବଂ ହରିୟାଣାରେ ଚାଷୀମାନଙ୍କ ଦ୍ୱାରା ନଡ଼ା ପୋଡ଼ି ଜାରି ରହିଛି, ଯାହାର ଧୂଆଁ ପବନ ସହ ମିଶି ଦିଲ୍ଲୀକୁ ପ୍ରଦୂଷିତ କରୁଛି । ଦ୍ୱିତୀୟରେ, ଶୀତଦିନେ ବାୟୁର ଗତି ଧୀର ହୋଇଯାଉଥିବାରୁ ପ୍ରଦୂଷଣକାରୀ କଣିକାଗୁଡ଼ିକ ଉପରକୁ ଯାଇପାରନ୍ତି ନାହିଁ । ଏହା ବ୍ୟତୀତ ଯାନବାହନରୁ ନିର୍ଗତ ଧୂଆଁ, ନିର୍ମାଣ କାର୍ଯ୍ୟରୁ ବାହାରୁଥିବା ଧୂଳି ଏବଂ ଶିଳ୍ପ ପ୍ରଦୂଷଣ ଏହି ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି ।

# ଭୟରେ ଦିନ କାଟୁଛନ୍ତି ମୁନୀର

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ଭୟ ଭିତରେ ଜୀବନ କାଟୁଛନ୍ତି ଅସୀମ ମୁନିର । ପାକିସ୍ତାନର ସେନାମୁଖ୍ୟ ଅସୀମ ମୁନିର ଏବେ ଭୟ ଭିତରେ ଦିନ କାଟୁଛନ୍ତି । ଏମିତି କି ଏହି ଭୟ କାରଣରୁ ସେ ରୀତିମତ ଏବେ ତାଙ୍କ ପାଖରେ ପିସ୍ତଲ ଏବଂ ରାଇଫଲ୍ ରଖୁଥିବା ଜଣାପଡ଼ିଛି । ଖାଲି ସେତିକି ନୁହେଁ, ସେ ତାଙ୍କ ବର୍ଦ୍ଦିକୁ ବୁଲେଟ୍ ପ୍ରୁଫ୍ କରିଥିବାବେଳେ, ଶୋଇବା ସମୟରେ ମଧ୍ୟ ଏହାକୁ ପିନ୍ଧୁଛନ୍ତି ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ମୁନିର ଶୋଇବା ସମୟରେ ମଧ୍ୟ ତାଙ୍କ ସୁରକ୍ଷାକର୍ମୀ ତାଙ୍କ ଚାରିପାଖେ ପଇଁତରା ମାରୁଛନ୍ତି । ଯାହା ଫଳରେ କି ତାଙ୍କ ଉପରେ କେହି ବି ଆକ୍ରମଣ କରିପାରିବେ ନାହିଁ । ତେବେ ଯେବେଠୁ ମୁନୀରଙ୍କୁ ସେନାମୁଖ୍ୟ ଭାବେ କ୍ଷମତା ମିଳିଛି, ସେବେଠୁ ତାଙ୍କ ଭବିଷ୍ୟତ ଜିଆ-ଉଲ୍-ହକଙ୍କ ଭଳି ହେବ ବୋଲି ଭାବି ମୁନୀର ଚିନ୍ତାରେ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି । ୧୯୮୮ ମସିହାରେ ପାକିସ୍ତାନର ତତ୍କାଳୀନ ସେନାମୁଖ୍ୟ ଜିଆ ଉଲ୍ ହକ୍ ଏକ ବିମାନ ଦୁର୍ଘଟଣାରେ ଆଖି ବୁଜିଥିଲେ । ଏହାକୁ ସେତେବେଳେ ଯାନ୍ତ୍ରିକ ତ୍ରୁଟି ବୋଲି କୁହାଯାଇଥିଲା । ହେଲେ ଏହା ପଛରେ ଏକ ରୀତିମତ ଷଡ଼ଯନ୍ତ୍ର ଥିଲା ବୋଲି କୁହାଯାଏ, ତେଣୁ ମୁନୀରଙ୍କୁ ମଧ୍ୟ ଠିକ୍ ସେହିଭଳି ଢଙ୍ଗରେ ଷଡ଼ଯନ୍ତ୍ର କରି ମରାଯାଇପାରେ



ବୋଲି ସେ ଭୟ କରୁଛନ୍ତି । ମିଳିଥିବା ସୂଚନା ଅନୁସାରେ, ମୁନିର ତାଙ୍କ ସୁରକ୍ଷାରୁ ଟ୍ରେନିଂ ଅଫିସରମାନଙ୍କୁ ହଟାଇ ଦିଆଯାଇଛି । ଚର୍ଚ୍ଚା ହେଉଛି ଅବିଶ୍ୱାସ ହେବା କାରଣରୁ ମୁନୀର ତାଙ୍କୁ ଦାୟିତ୍ୱରୁ ହଟାଇ ଦେଇଛନ୍ତି । ଇମ୍ରାନ ଖାନଙ୍କ ପୂର୍ବତନ ପରାମର୍ଶଦାତା ଶହଜାଦ ଆକବରଙ୍କ ଅନୁଯାୟୀ, ଅସୀମ ମୁନିରଙ୍କୁ ସୁରକ୍ଷା ଦେବା ପାଇଁ କେବଳ ଅଭିଜ୍ଞ ଏବଂ ବିଶ୍ୱସ୍ତ ସୈନିକମାନଙ୍କୁ ନିୟୋଜିତ କରାଯାଇଛି । ସେହିଭଳି ଜଣେ ପିଟିଆଇ ନେତାଙ୍କ ଅନୁଯାୟୀ, ମୁନିର ବିଦେଶରେ ରହୁଥିବା ପାକିସ୍ତାନୀଙ୍କୁ ସବୁଠୁ ଅଧିକ ଭୟ କରୁଛନ୍ତି । ଯେଉଁମାନେ କି ପାକିସ୍ତାନକୁ ସବୁଠୁ ଅଧିକ ଟ୍ୟାକ୍ସ ଦେଇଥାନ୍ତି । ଜାଣିରଖିବା ଉଚିତ ଯେ, ସେନା ମୁଖ୍ୟ ଭାବରେ ଅସୀମ ମୁନିର ପାକିସ୍ତାନରେ ଭିଆଇପି ସୁରକ୍ଷା ଉପଭୋଗ କରନ୍ତି । ମୁନିରଙ୍କ ସୁରକ୍ଷା ବ୍ୟବସ୍ଥା ଚାରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗଠିତ । ପ୍ରଥମ ସ୍ତରଟି ସ୍ୱତନ୍ତ୍ର ସୁରକ୍ଷା ବିଭାଗର କର୍ମଚାରୀମାନଙ୍କୁ ନେଇ ଗଠିତ । ପାକିସ୍ତାନର ଏହି ୟୁନିଟରେ ୧୫,୦୦୦ କର୍ମଚାରୀ ଅଛନ୍ତି । ତଥାପି, ମୁନିରଙ୍କୁ ସୁରକ୍ଷା ଦେବା ପାଇଁ କେତେ କର୍ମଚାରୀ ନିୟୋଜିତ ଅଛନ୍ତି ସେ ବିଷୟରେ ସୂଚନା ସାର୍ବଜନୀନ ଭାବରେ ଉପଲବ୍ଧ ନାହିଁ । ପାକିସ୍ତାନର ସଂସଦ ଅସୀମ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ଉପାଧି ପ୍ରଦାନ କରିଛି । ଏହାବ୍ୟତୀତ, ମୁନିରଙ୍କୁ ତିନୋଟି ସଶସ୍ତ୍ର ବାହିନୀର ମୁଖ୍ୟ ନିଯୁକ୍ତ କରାଯାଇଛି ।

# ରେକର୍ଡ କରୁଛି ସୁନା ଦର

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ୨୦୨୫ ଶେଷ ହେବାକୁ ଯାଉଛି, କିନ୍ତୁ ସୁନା ଏବଂ ରୂପାର ଚମକ କମିବାର କୌଣସି ନାଁ ଧରୁନାହିଁ । ବର୍ଷର ଶେଷ ଦିନଗୁଡ଼ିକରେ, ସୁନା ଏବଂ ରୂପା ଉଭୟ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଡିସେମ୍ବର ୨୬ ତାରିଖ ସକାଳେ, ସାରା ଦେଶର ସୁନା ବଜାରରେ ସୁନାର ମୂଲ୍ୟ ନୂତନ ଇତିହାସ ସୃଷ୍ଟି କରିଛି । ସେହିପରି ରୂପାର ମୂଲ୍ୟରେ ମଧ୍ୟ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି । ଆଜି ରାଜଧାନୀ ଦିଲ୍ଲୀରେ, ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମକୁ ୧,୩୯,୪୧୦ରେ ପହଞ୍ଚିଥିବା ବେଳେ ୨୨ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମକୁ ୧,୨୭,୮୧୦ ଛୁଇଁଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମକୁ ୧,୩୯,୨୬୦ ରେ ବିକ୍ରି ହେଉଥିବା ବେଳେ ୧,୨୭,୬୬୦ରେ ବିକ୍ରି ହେଉଛି । ସେହିପରି ୨୬ ଡିସେମ୍ବରରେ ରୂପା ଦର ୮୪୬୦ ଟଙ୍କା ବଢ଼ି ୨,୩୨,୭୪୧ରେ ପହଞ୍ଚିଛି । ଅନ୍ତର୍ଜାତୀୟ ବଜାରରେ ରୂପାର ସ୍ପଟ୍ ମୂଲ୍ୟ ଆଉନ୍ସ ପ୍ରତି ୭୨.୭୦ ଡଲାରରେ ପହଞ୍ଚିଛି । ଚଳିତ ବର୍ଷ ଏପର୍ଯ୍ୟନ୍ତ, ବିଦେଶୀ ବଜାରରେ ରୂପା ମୂଲ୍ୟ ୧୫୧ ପ୍ରତିଶତ ଏବଂ ଘରୋଇ ବଜାରରେ ପ୍ରାୟ ୧୫୩ ପ୍ରତିଶତ ବୃଦ୍ଧି ପାଇଛି ।

# ଆସୁଛି ବ୍ରହ୍ମୋସର ନୂଆ ଭର୍ସନ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ହଜିବ ଶତ୍ରୁ ନିଦ । ଥରିବ ଆତଙ୍କୀସ୍ଥାନ । ଆସୁଛି ବ୍ରହ୍ମୋସର ନୂଆ ଭର୍ସନ । ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନର ୬ଟି ଏୟାରବେସ୍ ଧ୍ୱଂସ କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିବା ଭାରତର ସୁପରସୋନିକ୍ ବ୍ରହ୍ମୋସ୍ କ୍ରୁଜ୍ କ୍ଷେପଣାସ୍ତ୍ର ଆହୁରି ଶକ୍ତିଶାଳୀ ହେବାକୁ ଯାଉଛି । ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ବ୍ରହ୍ମୋସର ରେଞ୍ଜ, ଗତି ଏବଂ ଆକ୍ରମଣ କ୍ଷମତାକୁ ଆହୁରି ଉନ୍ନତ କରାଯାଉଛି । ବର୍ତ୍ତମାନ, ଏହାର ରେଞ୍ଜ ପ୍ରାୟ ୩୦୦ କିଲୋମିଟର, କିନ୍ତୁ ନୂଆ ସଂସ୍କରଣରେ ଏହା ୪୫୦ ରୁ ୮୦୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର କରିବା ପାଇଁ କାର୍ଯ୍ୟକ୍ରମ ଚାଲିଛି । ଏହି ନୂଆକ୍ଷେପଣାସ୍ତ୍ର ଆସିବା ସହିତ, ପାକିସ୍ତାନର ରାଜଧାନୀ ଇସଲାମାବାଦକୁ ଦିଲ୍ଲୀରୁ ଟାର୍ଗେଟ କରାଯାଇପାରିବ । ଦିଲ୍ଲୀ ଏବଂ ଇସଲାମାବାଦ ମଧ୍ୟରେ ଆକାଶମାର୍ଗ ଦୂରତା ୭୦୦ କିଲୋମିଟର । ବ୍ରହ୍ମୋସର ଏକ ହାଲୁକା ସଂସ୍କରଣ ମଧ୍ୟ ବିକଶିତ କରାଯାଉଛି । ପ୍ରାୟ ୨.୫ ଟନ୍ ଓଜନର ବ୍ରହ୍ମୋସର ଏକ ସ୍ୱତନ୍ତ୍ର ସଂସ୍କରଣକୁ ସୁଖୋଇ MKI-30 ଲଢୁଆ ବିମାନ ତଳେ ସ୍ଥାପନ କରିବା ପାଇଁ ଡିଜାଇନ୍ କରାଯାଇଛି । ପ୍ରୋଜେକ୍ଟ ଡିଜାଇନ୍ ବୋର୍ଡରୁ ଅନୁମୋଦନ ପାଇବା ପରେ ଏହି ସଂସ୍କରଣ ବର୍ତ୍ତମାନ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି । ବର୍ତ୍ତମାନ ଅଧିକ ରେଞ୍ଜ ବ୍ରହ୍ମୋସ ମିସାଇଲର ଗ୍ରାଉଣ୍ଡ ଟ୍ରାଏଲ ପାଇଁ ପ୍ରସ୍ତୁତି ଚାଲିଛି । ସବୁକିଛି ଯୋଜନା ଅନୁଯାୟୀ ହୁଏ, ତେବେ ବ୍ରହ୍ମୋସର




ଏହି ନୂଆ ସଂସ୍କରଣର ପ୍ରଥମ ପରୀକ୍ଷଣ ୨୦୨୭ ଶେଷ ସୁଦ୍ଧା ହେବ । ବ୍ରହ୍ମୋସକୁ ବିଶ୍ୱର ସବୁଠାରୁ ଦ୍ରୁତତମ ଏବଂ ଘାତକ କ୍ରୁଜ୍ କ୍ଷେପଣାସ୍ତ୍ର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏହା ମାକ୍ ୩ (ଶବ୍ଦର ତିନିଗୁଣ, ୩୩୨ ମିଟର/ସେକେଣ୍ଡ) ବେଗରେ ଲକ୍ଷ୍ୟଭେଦ କରେ । ଏହାର ଉଚ୍ଚ ଗତି ଶତ୍ରୁ ରାଡାରକୁ ସଠିକ୍ ସମୟରେ ଚିହ୍ନଟ କରିଥାଏ । ବ୍ରହ୍ମୋସ୍ ଏରୋସ୍ପେସ୍ ୨୦୧୬ ମସିହାରେ କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା ନିୟନ୍ତ୍ରଣ ବ୍ୟବସ୍ଥା (MTCR)ର ସଦସ୍ୟ ହୋଇଥିଲା । ଏହି ବ୍ୟବସ୍ଥାରେ ୩୫ଟି ଦେଶ ଅନ୍ତର୍ଭୁକ୍ତ । ତା'ପରେ ହିଁ ବ୍ରହ୍ମୋସର ରେଞ୍ଜକୁ ୩୦୦ କିଲୋମିଟରରୁ ଅଧିକ ବଢାଇବାକୁ କାମ ଆରମ୍ଭ ହୋଇଥିଲା । MTCR ନିୟମ ଅନୁଯାୟୀ, ଅଣ-ସଦସ୍ୟ ଦେଶଗୁଡ଼ିକୁ ୩୦୦ କିଲୋମିଟରରୁ ଅଧିକ ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା ଯୋଗାଇ ଦିଆଯାଇପାରିବ ନାହିଁ, ତେଣୁ ବ୍ରହ୍ମୋସର ରେଞ୍ଜ ପୂର୍ବରୁ ସୀମିତ ଥିଲା । ବର୍ତ୍ତମାନ, 'ଅପରେସନ୍ ସିନ୍ଦୁର' ପରେ, ବ୍ରହ୍ମୋସର ୩ଟି ନୂଆ ସଂସ୍କରଣ ଉପରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଏହାର ରେଞ୍ଜକୁ ୪୫୦, ୬୦୦ ଏବଂ ୮୦୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି କରିବାର ଯୋଜନା ରହିଛି । ବାୟୁସେନା ପାଇଁ ବ୍ରହ୍ମୋସର ଏକ ହାଲୁକା ସଂସ୍କରଣ ମଧ୍ୟ ବିକଶିତ କରାଯାଉଛି । ସ୍ଥଳ ଏବଂ ସମୁଦ୍ରରୁ ନିକ୍ଷେପ କରାଯାଉଥିବା ବ୍ରହ୍ମୋସର ଓଜନ ପ୍ରାୟ ୩ ଟନ୍, କିନ୍ତୁ ବାୟୁସେନା ପାଇଁ ଏହାକୁ ପ୍ରାୟ ୨.୫ଟନ୍ କୁ ହ୍ରାସ କରାଯାଉଛି ।

# ପିଲାଙ୍କ ପାଇଁ ବ୍ୟାନ୍ ହେଉ ସୋସିଆଲ ମିଡିଆ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ଅଷ୍ଟ୍ରେଲିଆ ଭଳି ଭାରତରେ ବି ପିଲାଙ୍କ ପାଇଁ ବ୍ୟାନ୍ ହେଉ ସୋସିଆଲ ମିଡିଆ । କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଲେ ମାଡ୍ରାସ୍ ହାଇକୋର୍ଟ । ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ମଦୁରାଇ ବେଞ୍ଚ କହିଛନ୍ତି । ଜଷ୍ଟିସ୍ କେକେ ରାମକୃଷ୍ଣନ ଏବଂ ଜଷ୍ଟିସ୍ ଜି ଜୟଚନ୍ଦ୍ରନଙ୍କ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବା ବେଳେ ଏନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଆବେଦନକାରୀ ଏସ୍ ବିଜୟକୁମାର କୋର୍ଟରେ ରିଟ୍ ପିଟିସନ ଦାଖଲ କରିଥିଲେ । ସେ ସାରା ଦେଶରେ ସମସ୍ତ ଇଣ୍ଟରନେଟ୍ ସେବା ପ୍ରଦାନକାରୀଙ୍କୁ ପ୍ୟାରେଣ୍ଟାଲ ୱିଣ୍ଡୋ କିମ୍ବା ପ୍ୟାରେଣ୍ଟାଲ



କଣ୍ଟ୍ରୋଲ ସୁବିଧା ଅନିବାର୍ଯ୍ୟ କରିବା ପାଇଁ ଦାବି କରିଥିଲେ । ଆବେଦନକାରୀଙ୍କ ମୁଖ୍ୟ ଯୁକ୍ତି ଥିଲା ଯେ, ଏବେ ଇଣ୍ଟରନେଟରେ ଅଶ୍ଳୀଳ କଣ୍ଟେଣ୍ଟ ଏବଂ ଶିଶୁ ଯୌନ ନିର୍ଯାତନା ସମ୍ପର୍କିତ କଣ୍ଟେଣ୍ଟ ସହଜରେ ମିଳିଯାଉଛି । ଯାହାକି ପିଲାମାନଙ୍କ ପାଖରେ ପହଞ୍ଚୁଛି । ଏହାଦ୍ୱାରା ପିଲାଙ୍କ ମାନସିକ ଏବଂ ଭାବନାତ୍ମକ ବିକାଶ ଉପରେ ଗୁରୁତର ପ୍ରଭାବ ପଡୁଛି । ହାଇକୋର୍ଟ ଏହି ଆବେଦନର ଶୁଣାଣି କରି କହିଛନ୍ତି ଯେ, ଅନଲାଇନ୍ CSAM ୱେବସାଇଟ୍ ଏବଂ ଟଜଖ ଲଗାତର ଅପଡେଟ୍ ହେଉଛି । ଏହା ସହ ୟୁଜର ଏଣ୍ଡ ଉପରେ ବି ନିୟନ୍ତ୍ରଣ ଜରୁରୀ । ଏହି ନିୟନ୍ତ୍ରଣ କେବଳ ପ୍ୟାରେଣ୍ଟ କଣ୍ଟ୍ରୋଲ ଆପ୍ ଦ୍ୱାରା ସମ୍ଭବ । ଅଶ୍ଳୀଳ କଣ୍ଟେଣ୍ଟ ଦେଖିବା ବ୍ୟକ୍ତିଗତ ଚଏସ୍ । ହେଲେ ପିଲାମାନେ ତାହା ଜାଣିପାରନ୍ତି ନାହିଁ । ଏଥିପାଇଁ ମାତାପିତାଙ୍କ ଦାୟିତ୍ୱ ସେମାନେ ପିଲାମାନଙ୍କୁ ଏହି କଣ୍ଟେଣ୍ଟ ଠାରୁ ଦୂରେଇ ରଖିବେ । ସରକାର ଏଥିପାଇଁ ଅଷ୍ଟ୍ରେଲିଆ ଭଳି ଆଇନ ଆଣି ପାରିବେ । ଯାହାଦ୍ୱାରା ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ସୋସିଆଲ ମିଡିଆ ଦେଖିବା ଉପରେ ପ୍ରତିବନ୍ଧକ ଲଗାଯାଇ ପାରିବ । କେନ୍ଦ୍ର ଏବଂ ରାଜ୍ୟ ସରକାର ଏଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କୋର୍ଟ ଆଶାବାଦୀ ଅଛନ୍ତି ।

# କଂଗ୍ରେସ ଦଳକୁ କୁମାର ବିଶ୍ୱାସଙ୍କ ଟାର୍ଗେଟ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ଜଣାଶୁଣା କବି ଏବଂ ପୂର୍ବତନ ନେତା କୁମାର ବିଶ୍ୱାସ ପୁଣି ଥରେ କଂଗ୍ରେସ ଦଳକୁ ତୀବ୍ର ଟାର୍ଗେଟ କରିଛନ୍ତି । ଲକ୍ଷ୍ନୌରେ ଏକ କାର୍ଯ୍ୟକ୍ରମ ସମୟରେ କୁମାର ବିଶ୍ୱାସ କଂଗ୍ରେସ ଦଳର ବିଚାରଧାରା ଏବଂ ଇତିହାସକୁ ବ୍ୟଙ୍ଗାତ୍ମକ ଭାବରେ ସମାଲୋଚନା କରି କହିଥିଲେ ଯେ କଂଗ୍ରେସ କେବେ ସର୍ଦ୍ଦାର ପଟେଲଙ୍କୁ ନିଜର ବୋଲି ସ୍ୱୀକାର କରିନାହିଁ । ସେ କହିଥିଲେ, ଏହି ଲୋକମାନେ ଏତେ ଚତୁର ଯେ ସେମାନଙ୍କର ପୂର୍ବପୁରୁଷ କଂଗ୍ରେସ କାର୍ଯ୍ୟାଳୟ ବାହାରେ



ବସିଥିଲେ । ସର୍ଦ୍ଦାର ପଟେଲ ବାହାରେ ବସିଥିଲେ, କିନ୍ତୁ ବିଜେପି ତାଙ୍କୁ ଆଣିଥିଲା । କଂଗ୍ରେସ ଦାବି କରିଥିଲା ଯେ ପଟେଲ ଆମର । କୁମାର ବିଶ୍ୱାସ ଆହୁରି ଅଭିଯୋଗ କରିଥିଲେ ଯେ କଂଗ୍ରେସ ଦଳ ନିଜ ପରିବାର ଏବଂ ନାମକୁ ନେଇ ଦ୍ୱନ୍ଦ ଥିଲା । ସେ କହିଥିଲେ, ତୁମେ ତୁମର ଜେଜେବାପା, ବାପା, ମା ଏବଂ ମାଉସୀଙ୍କ ବିଷୟରେ ବ୍ୟସ୍ତ ଥିଲ । ଯେତେବେଳେ ପଟେଲ ବାହାରେ ବସିଥିଲେ, କେହି ପଚାରି ନଥିଲେ । କୁମାର ବିଶ୍ୱାସ କଂଗ୍ରେସ ଦଳ ଭିତରେ ଥିବା ପରିବାରବାଦକୁ ଉଲ୍ଲେଖ କରୁଥିଲେ, ଯାହାକୁ ସେ ପୂର୍ବରୁ ଅନେକ ଥର ପ୍ରଶ୍ନ କରିଛନ୍ତି । କୁମାର ବିଶ୍ୱାସ ସେଠାରେ ଅଟକି ନଥିଲେ । ମହାତ୍ମା ଗାନ୍ଧୀଙ୍କ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ବିଜେପି ଗାନ୍ଧୀଜୀଙ୍କୁ ମଧ୍ୟ ଆଣିବା ଉଚିତ । ସେ କହିଛନ୍ତି, ଗାନ୍ଧୀଜୀ ସ୍ୱଦେଶୀ, ଆୟୁର୍ବେଦ, ଗୀତା ପଢିବା ଏବଂ ଖଦି ପିନ୍ଧିବା ପାଇଁ ମଧ୍ୟ ଓକିଲାତି କରୁଥିଲେ । ବିଜେପି ଯାହା କହୁଛି ଗାନ୍ଧିଜୀ ତାହା ହିଁ କହୁଥିଲେ । କୁମାର ବିଶ୍ୱାଏହା ମଧ୍ୟ ବ୍ୟଙ୍ଗ କରିଥିଲେ ଯେ କଂଗ୍ରେସ ପାଖରେ ପୂର୍ବରୁ ତିନି ଜଣ ନକଲି ଗାନ୍ଧୀ ଅଛନ୍ତି, ତେଣୁ ବିଜେପି ପ୍ରକୃତ ଗାନ୍ଧୀଙ୍କୁ ନେବାରେ କାହିଁକି ଅସୁବିଧା ହେବ ? କୁମାର ବିଶ୍ୱାସଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଦେଶରେ ଇତିହାସ ଏବଂ ମହାପୁରୁଷଙ୍କ ଐତିହ୍ୟକୁ ନେଇ ରାଜନୀତି ଜୋର ଧରିଛି । ତାଙ୍କର ଏହି ବ୍ୟଙ୍ଗକୁ କଂଗ୍ରେସ ଉପରେ ସିଧାସଳଖ ଆକ୍ରମଣ ଭାବରେ ଦେଖାଯାଉଛି । ସମର୍ଥକମାନେ ଏହାକୁ ଉପଯୁକ୍ତ ବ୍ୟଙ୍ଗ ବୋଲି କହୁଥିବା ବେଳେ, କଂଗ୍ରେସ ସମର୍ଥକମାନେ ଏହି ବୟାନକୁ ଆପତ୍ତିଜନକ ବୋଲି କହୁଛନ୍ତି ।

# ବାଂଲାଦେଶ ହିଂସାକୁ ଅଣଦେଖା କରାଯାଇପାରିବ ନାହିଁ : ଭାରତ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ବାଂଲାଦେଶରେ ଚାଲିଥିବା ରାଜନୈତିକ ସଙ୍କଟ ଏବଂ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ସମ୍ପର୍କରେ ଭାରତ ସରକାର ଏକ ବିବୃତ୍ତି ଜାରି କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଶୁକ୍ରବାର (ଡିସେମ୍ବର ୨୬, ୨୦୨୫) କହିଛନ୍ତି ଯେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହିଂସା ଚିନ୍ତାର ବିଷୟ । ସେ କହିଛନ୍ତି, ଆମେ ଦୀପୁ ଦାସଙ୍କ ହତ୍ୟାକୁ ନିନ୍ଦା କରୁଛୁ । ଆମେ ଆଶା କରୁଛୁ ଯେ ଅପରାଧୀମାନଙ୍କୁ ନ୍ୟାୟ ଦିଆଯିବ । ବୈଦେଶିକ ମନ୍ତ୍ରଣାଳୟ କହିଛି, ବାଂଲାଦେଶରେ ବର୍ତ୍ତମାନର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କାର୍ଯ୍ୟକାଳରେ ହତ୍ୟା, ପୋଡ଼ାଜଳା ଏବଂ ଜମି ହଡ଼ପ ସମେତ ୨୯୦୦ ଘଟଣା



ରିପୋର୍ଟ ହୋଇଛି । ଏହି ରିପୋର୍ଟଗୁଡ଼ିକୁ ରାଜନୈତିକ ହିଂସା ଭାବରେ ଖାରଜ କରାଯାଇପାରିବ ନାହିଁ । ବାଂଲାଦେଶରେ ଫେବୃଆରୀ ୨୦୨୫ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ସକ୍ରିୟ ହୋଇ ଉଠିଛି ଏବଂ ନିର୍ବାଚନ ପାଇଁ ସକ୍ରିୟ ଭାବରେ ପ୍ରଚାର କରୁଛି । ଏହି ସମ୍ପର୍କରେ, BNP କାର୍ଯ୍ୟକାରୀ ଅଧ୍ୟକ୍ଷ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ପୁଅ ତାରିକ୍ ରହମାନ, ୧୭ ବର୍ଷୀୟ ଢାକାରେ ପହଞ୍ଚିଛନ୍ତି । ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦ ପାଇଁ ଜଣେ ପ୍ରମୁଖ ଦାବିଦାର ରହମାନ ବିମାନବନ୍ଦରରେ ପହଞ୍ଚିବା ପରେ ବାଂଲାଦେଶୀ ମାଟିରେ ଖାଲି ପାଦରେ ଠିଆ ହୋଇ ପ୍ରତୀକାତ୍ମକ ଭାବରେ ଦେଶର ରାଜନୀତିକୁ ଫେରିଥିଲେ ।

# ବିଦେଶରେ ରାହୁଲଙ୍କ ଉପରେ ନଜର ରଖାଯାଏ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ବରିଷ୍ଠ କଂଗ୍ରେସ ନେତା ସାମ୍ ପିତ୍ରୋଡା ରାହୁଲ ଗାନ୍ଧୀଙ୍କ ବିଦେଶ ଗସ୍ତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଦାବି କରିଛନ୍ତି । ସେ କହିଛନ୍ତି ଯେ ଭାରତୀୟ ଦୂତାବାସର ଅଧିକାରୀମାନେ ରାହୁଲ ଗାନ୍ଧୀଙ୍କ ଗସ୍ତ ଉପରେ ନଜର ରଖନ୍ତି ଏବଂ ପ୍ରାୟତଃ ସେମାନଙ୍କୁ ବିଦେଶୀ ନେତାଙ୍କ ସହ ସାକ୍ଷାତ ନ କରିବାକୁ କୁହାଯାଏ । ଏକ ଟିଭି ଚ୍ୟାନେଲ ସହିତ ଏକ ସାକ୍ଷାତକାରରେ, ସାମ୍ ପିତ୍ରୋଡା ରାହୁଲ ଗାନ୍ଧୀଙ୍କ ଜର୍ମାନୀ ଗସ୍ତ ସମ୍ପର୍କରେ ଶାସକ ଦଳର ଅଭିଯୋଗକୁ ଖାରଜ କରିଛନ୍ତି ଏବଂ ଭାରତରେ ଗଣତନ୍ତ୍ରର ସ୍ଥିତି ପ୍ରସଙ୍ଗରେ ଖୋଲାଖୋଲି ଭାବରେ କଥା ହୋଇଛନ୍ତି । ଜର୍ମାନୀ ଗସ୍ତର ସମୟ ସମ୍ପର୍କରେ, କଂଗ୍ରେସ ନେତା ପିତ୍ରୋଡା କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ବିଦେଶ ଯାତ୍ରା ହଠାତ ନୁହେଁ, ବରଂ ମାସ ମାସ ପୂର୍ବରୁ ଯୋଜନା କରାଯାଇଥାଏ । ସେ ବ୍ୟାଖ୍ୟା କରିଛନ୍ତି ଯେ ଗସ୍ତର ପ୍ରାଥମିକ ଉଦ୍ଦେଶ୍ୟ ପ୍ରଗତିଶୀଳ ମେଣ୍ଟର ବୈଠକ ଥିଲା, ଯେଉଁଥିରେ ପ୍ରାୟ ୧୧୦ ଟି ଦେଶର ଗଣତାନ୍ତ୍ରିକ ଦଳ ଅନ୍ତର୍ଭୁକ୍ତ ଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ଭଳି ଏକ ବଡ଼ ଦେଶରେ ସବୁବେଳେ କିଛି ନା କିଛି ଘଟୁଛି । ତେଣୁ, ସମୟ ବିଷୟରେ ପ୍ରଶ୍ନ ଉଠିବ । ଏଥିରେ ସେ ଦାବି କରିଛନ୍ତି, ମୁଁ ବ୍ୟକ୍ତିଗତ ଭାବରେ ଦେଖିଛି ଯେ ହୋଟେଲ, ବୈଠକ ଏବଂ ବିମାନବନ୍ଦରରେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଏ । ଆମକୁ କୁହାଯାଇଥିଲା ଯେ ଦୂତାବାସ ପ୍ରାୟତଃ ଲୋକଙ୍କୁ ଡାକି ରାହୁଲ ଗାନ୍ଧୀଙ୍କୁ ଭେଟିବାକୁ କହୁଛି । ଯଦିଓ ଏହାର କୌଣସି ପ୍ରମାଣ ନାହିଁ, ମୁଁ ଅଭିଜ୍ଞତା ଆଧାରରେ ଏହା କହୁଛି । ସେ ଏହାକୁ ସରକାରଙ୍କ ଏକ ଗୁପ୍ତଚର ପଦକ୍ଷେପ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ କଂଗ୍ରେସ ଏଥିରେ ଭୟଭୀତ ହେବ ନାହିଁ। ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ବିଦେଶରେ ଭାରତ ବିରୋଧୀ ବୟାନ ଦେବା ଅଭିଯୋଗ ସମ୍ପର୍କରେ, ସାମ୍ ପିତ୍ରୋଡା କହିଛନ୍ତି, ଆଜିର ସମୟରେ, ଆପଣ ଭାରତରେ ଯାହା କୁହନ୍ତି ତାହା ଅନ୍ତର୍ଜାତୀୟ ହୋଇଯାଏ, ଏବଂ ଆପଣ ବାହାରେ ଯାହା କୁହନ୍ତି ତାହା ଜାତୀୟ ହୋଇଯାଏ । ଆପଣ ଦେଶରେ ସତ୍ୟ କୁହନ୍ତୁ କିମ୍ବା ବିଦେଶରେ, ସତ୍ୟ ହେଉଛି ସତ୍ୟ; କୌଣସି ଦ୍ୱନ୍ଦ୍ୱ ମାନଦଣ୍ଡ ରହିପାରିବ ନାହିଁ। ଜର୍ମାନୀରେ ରାହୁଲ ଗାନ୍ଧୀଙ୍କୁ ଭେଟିଥିବା ଲୋକଙ୍କ ସମ୍ପର୍କରେ ପାଣ୍ଠି ଅଭିଯୋଗ ସମ୍ପର୍କରେ ପିତ୍ରୋଡା କହିଛନ୍ତି, ଏହା ସବୁ ମିଛ କଥା । ଆମେ ବିଶ୍ୱବିଦ୍ୟାଳୟକୁ ଯାଉ, ସାର୍ବଜନୀନ ସ୍ଥାନରେ କଥା ହେଉ । ଆମେ ଜାଣୁ ନା କାହିଁକି କିଏ କାହା ସହିତ ଜଡିତ । ରାହୁଲ ଗାନ୍ଧୀ କିମ୍ବା କଂଗ୍ରେସର କୌଣସି ପ୍ରକାରର ବିଦେଶୀ ପାଣ୍ଠି କିମ୍ବା ଭାରତ ବିରୋଧୀ ନେଟୱାର୍କ ସହିତ କୌଣସି ସମ୍ପର୍କ ନାହିଁ ।

# ମଣିଷଙ୍କ ବିପକ୍ଷରେ ଜିତିଯାଇପାରେ, ମେସିନ ବିପକ୍ଷରେ ନୁହେଁ

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** ଭୋଜପୁରୀ ଅଭିନେତା ଖେସାରି ଲାଲ ଯାଦବଙ୍କ ଏକ ବୟାନ ପୁଣିଥରେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଖେସାରି ଲାଲ ଯାଦବ ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଛାପରା ଆସନରୁ ଆରଜେଡି ପ୍ରାର୍ଥୀ ଥିଲେ । ଖେସାରି ବିହାରର ଛାପରା ଆସନରୁ ଟିକେଟ ପାଇବା ପରେ, ଏହି ଆସନଟି ଚର୍ଚ୍ଚାର ବିଷୟ ହୋଇଥିଲା । ନିର୍ବାଚନ ସମୟରେ ଖେସାରି ଲାଲ ଯାଦବ ଏକ ଜୋରଦାର ଚର୍ଚ୍ଚା ସୃଷ୍ଟି କରିଥିଲେ । ତେଜସ୍ୱୀ ଯାଦବ ଏବଂ ଅଖିଳେଶ ଯାଦବଙ୍କ ସମେତ ଅନେକ ନେତା ତାଙ୍କ ପାଇଁ ପ୍ରଚାର କରିଥିଲେ । କିନ୍ତୁ ଖେସାରି ଲାଲ ଯାଦବ ଛାପରା ଆସନରେ ନିରାଶାର ସମ୍ମୁଖୀନ ହୋଇଥିଲେ । ସେ ନିର୍ବାଚନ ହାରିଗଲେ । ଏନଡିଏ ପ୍ରାର୍ଥୀ ଛୋଟି କୁମାରୀ ତାଙ୍କୁ ପରାସ୍ତ କରିଥିଲେ । ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ, ଖେସାରି ଲାଲ ଯାଦବ ଛାପରାର ଲୋକଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ ସେ ରାଜନୀତି ପାଇଁ ନୁହନ୍ତି । ଏବେ, ଛାପରା ଆସନ ହାରିବା ପରେ, ଖେସାରି ଲାଲ ଯାଦବଙ୍କ ଏକ ବୟାନ ପୁଣି ଭାଇରାଲ ହେଉଛି । ଏହି ଭିଡିଓରେ, ଖେସାରି ଲାଲ ଯାଦବ କହୁଛନ୍ତି ଯେ ସେ ରାଜନୀତି କିପରି କରିବେ ଜାଣନ୍ତି ନାହିଁ ଏବଂ କେବେ ରାଜନୀତିରେ ପ୍ରବେଶ କରିବାକୁ ଚାହୁଁ ନଥିଲେ, କିନ୍ତୁ ପରିସ୍ଥିତି ତାଙ୍କୁ ନିର୍ବାଚନ ଲଢ଼ିବାକୁ ବାଧ୍ୟ କରିଥିଲା । ସେ କହିଛନ୍ତି ଯେ ଏହି ନିର୍ବାଚନ ମଧ୍ୟ ତାଙ୍କର ନିଜର କିଏ ତାହା ପ୍ରକାଶ କରିଥିଲା । ସେ ଆହୁରି କହିଛନ୍ତି ଯେ ଜଣେ ମଣିଷ ବିରୁଦ୍ଧରେ ଜିତିପାରିବେ, ମେସିନ ବିରୋଧରେ ନୁହେଁ । ତାଙ୍କର ବକ୍ତବ୍ୟ ଏବେ ଭାଇରାଲ ହେଉଛି । ଉଲ୍ଲେଖ ଥାଉ କି ବିଜେପି ପ୍ରାର୍ଥୀ ଛୋଟି କୁମାରୀ ୮୦୦୦ ଭୋଟରେ ଖେସାରି ଲାଲ ଯାଦବଙ୍କୁ ପରାସ୍ତ କରିଥିଲେ । ବର୍ତ୍ତମାନ, ନିର୍ବାଚନ ହାରିବା ପରେ, ଖେସାରି ଲାଲ ଯାଦବ ଇଭିଏମକୁ ଦୋଷ ଦେଉଥିବା ଦେଖାଯାଉଛି ।



## ଆସନ୍ତା ଫେବୃଆରୀ ୩ ରୁ ୧୨ ତାରିଖ ପର୍ଯ୍ୟନ୍ତ 'ରାଉରକେଲା ପୁସ୍ତକ ମହୋତ୍ସବ'ର ଆୟୋଜନ ହେବ

**ରାଉରକେଲା, ୨୬।୧୨ (ନି.ପ୍ର):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସର ମିଳିତ ସହଯୋଗରେ 'ରାଉରକେଲା ପୁସ୍ତକ ମହୋତ୍ସବ' ଆସନ୍ତା ଫେବୃଆରୀ ୩ ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଉରକେଲା ସ୍ଥିତ ଭଞ୍ଜ ସାଂସ୍କୃତିକ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ହେବାକୁ ଯାଉଛି। ଏହି ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଡିସେମ୍ବର ୨୪ ତାରିଖରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭଞ୍ଜ ସାଂସ୍କୃତିକ ନ୍ୟାସର ସଦସ୍ୟ ଏବଂ ଆରଏସପିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସମଗ୍ର ଅଞ୍ଚଳର ପୁସ୍ତକ ପ୍ରେମୀଙ୍କ ପାଇଁ ଏକ ଐତିହାସିକ କାର୍ଯ୍ୟକ୍ରମ ଭାବରେ ପରିକଳ୍ପିତ, ଏହି ପୁସ୍ତକ ମହୋତ୍ସବ ଏକ ବୃହତ ସ୍ତରରେ ଆୟୋଜିତ ହେବ୍ୟ ଏହି ପୁସ୍ତକ ମେଳାରେ ପରିଦର୍ଶକମାନେ ବିଭିନ୍ନ ପ୍ରକାରର ଏବଂ ସମସ୍ତ ବୟସର ପାଠକଙ୍କ ପାଇଁ ଉପଯୁକ୍ତ ଶୀର୍ଷକ ପ୍ରଦର୍ଶନ କରୁଥିବା ପ୍ରମୁଖ ଜାତୀୟ ସ୍ତରୀୟ ପ୍ରକାଶକମାନଙ୍କ ସହିତ ସାହିତ୍ୟର ଏକ ସାରସ୍ୱତ ଚୟନ ଆଶା କରିପାରିବେ। ପୁସ୍ତକ ମେଳା ବ୍ୟତୀତ, ଏହି ମହୋତ୍ସବ ବୌଦ୍ଧିକ ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ ମୁଖ୍ୟ କେନ୍ଦ୍ର ହେବ ବୋଲି ଲକ୍ଷ୍ୟ ରହିଛି।



ଏହି ମହୋତ୍ସବରେ ସାହିତ୍ୟିକ ଆଲୋଚନା, କବିତା ପାଠୋତ୍ସବ ଅଧିବେଶନ, ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯିବ ଯାହାଦ୍ୱାରା ସାହିତ୍ୟ ଏବଂ ସଂସ୍କୃତି ମିଳିତ ଭାବରେ ବିକଶିତ ହେବ।

## ସାମସଙ୍ଗ ସିଇଏସରେ ଟିଭିର ନୂତନତ୍ୱ ପ୍ରଦର୍ଶନ କରିବ: ଜେବି ପାର୍କ

**ନୂଆଦିଲ୍ଲୀ, ୨୬।୧୨ (ନି.ପ୍ର):** ବିଶ୍ୱର ସର୍ବବୃହତ୍ ଆଇଟି ଏବଂ ଗୃହଉପକରଣ ସାମଗ୍ରୀ ପ୍ରଦର୍ଶନ ସିଇଏସ ୨୦୨୬ରେ ସାମସଙ୍ଗ ଏହାର ଡ଼ିଭାଇସ ଏକ୍ସପିରିଏନ୍ସ ଡ଼ିଭିଜନର ଭବିଷ୍ୟତ ଯୋଜନା ଏବଂ ନୂତନ ଏଆଇ-ଭିତିକ ଗ୍ରାହକ ଅନୁଭୂତିକୁ ଉନ୍ମୋଚନ କରିବାକୁ ଯାଉଛି।

ଜେବି ପାର୍କ, ସଭାପତି ଏବଂ ସିଇଓ ସାମସଙ୍ଗ ସାଉଥଓ୍ୱେଷ୍ଟ ଏସିଆ, ମତବ୍ୟକ୍ତ କରି କହିଛନ୍ତି, 'ସାମସଙ୍ଗର ଏଆଇ ଉପକରଣ ଗୁଡ଼ିକ ଏକ ନୂତନ ମୋଡ଼ରେ ପହଂଚିଛି, ଯାହା ବ୍ୟବହାରକାରୀ ମାନଙ୍କ ଦୈନନ୍ଦିନ ଜୀବନକୁ ଗଭୀର ଭାବରେ ବୁଝିବା ସହିତ ଜୀବନଶୈଳୀର ମାନ ବୃଦ୍ଧି କରିବ। ଏହାର ପରବର୍ତି ପର୍ଯ୍ୟାୟ ସିଇଏସ ୨୦୨୬ରେ ପ୍ରଦର୍ଶିତ ହେବ, ଏଥିସହିତ ଜାନୁୟାରୀ ୪, ୨୦୨୬ରେ ଲାସଭେଗାସ ଠାରେ ଅନୁଷ୍ଠିତ ହେବାକୁ ଥିବା 'ଦି ଫାଷ୍ଟଲୁକ୍' ଇଭେଂଟରେ ଆମେ ଟିଭି ପ୍ରଯୁକ୍ତି ବିଦ୍ୟାର ସୀମାକୁ ଆହୁରି ଆଗକୁ ନେବୁ।

ସିଇଏସରେ ସାମସଙ୍ଗ ସେହି ବିଷୟ ଉପରେ ଆଲୋକପାତ କରିବ ଯାହାର ପ୍ରମୁଖ ବିଶେଷତ୍ୱ ହେଉଛି - ଘରୋଇ ଉପକରଣ ଗୁଡ଼ିକରେ ଅନେକ ଗୁଡ଼ିଏ ଉନ୍ନତି ଯାହାକି ଏଆଇ କ୍ଷମତା ସହିତ ଏକାଠି ହୋଇ ପାରମ୍ପରିକ ଯନ୍ତ୍ର ତଥା ଶକ୍ତିଶାଳୀ ହାଡ଼ୱେୟାର-ସମର୍ଥନକାରୀ ଦକ୍ଷତା କରିପାରିବ। ଆମେ ରହିଥିବା ଆମର ବେସପୋକ ଏଆଇ ପରିଚାଳିତ ଘରୋଇ ଉପକରଣ ଲାଇନଅପକୁ ଉନ୍ନତ କରିବା ସହିତ ଏଥିରେ ସ୍ମାର୍ଟ କପଡ଼ା ଯନ୍ତ୍ର, ସହଜ ତାପମାତ୍ରା ନିୟନ୍ତ୍ରଣ ଏବଂ ସୁବିଧା ଜନକ ସଫେଇ ଅନୁଭୂତି ଆଣି ପାରିଛୁ- ଏ ସମସ୍ତ ଡ଼ିଜାଇନ ବ୍ୟବହାରକାରୀ ମାନଙ୍କ ଜୀବନଶୈଳୀକୁ ଏହି ସାମଗ୍ରୀ ଗୁଡ଼ିକ ମାଧ୍ୟମରେ ତ୍ରୁଟିଶୂନ୍ୟ ଶକ୍ତିକାରୀତା ପ୍ରଦାନ କରିଥାଏ।

ସିଇଏସରେ ଅନ୍ତର୍ଭୁକ୍ତ ନୂତନ ଉତ୍ପାଦ ବିଶେଷତ୍ୱ ଗୁଡ଼ିକ ହେଉଛି - ଅଧୁନାତମ ବେସପୋକ ଏଆଇ ଏୟାର ଡ୍ରେସର, ବେସପୋକ ଏଆଇ ଲଣ୍ଡ୍ରି କମ୍ବୋ, ବେସପୋକ ଏଆଇ ୱିଣ୍ଡଫ୍ରି ପ୍ରୋ ଏୟାର କଣ୍ଡିସନର ଏବଂ ଜେଟବଟ ଷ୍ଟିମ ଅଲଟ୍ରା ରୋବୋଟ ଭାକ୍ୟୁମ କ୍ଲିନ ଇତ୍ୟାଦି।



ବିଗତ ୨୦ ବର୍ଷ ଧରି ଟିଭି ବଜାରର ଶୀର୍ଷରେ ଥିବା ସାମସଙ୍ଗ ଏହାର ନୂତନ ମାଇକ୍ରୋ ଆରଜିବି ଟିଭି ପ୍ରସାରିତକୁ ପ୍ରଦର୍ଶିତ କରିଅଛି। ଏହି ବର୍ଦ୍ଧିତ ସମ୍ଭାର ସାମସଙ୍ଗର ମାଇକ୍ରୋ ଆରଜିବି ପ୍ରଦର୍ଶିତ ବୈଷୟିକୀ ଦୃଶ୍ୟମାନ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ।

ସାମସଙ୍ଗ ଆହୁରି ମଧ୍ୟ ଏକ ନୂତନ ବେସପୋକ ଏଆଇ ରେଫ୍ରିଜିରେଟର ଫ୍ୟାମିଲି ହବ ଉପସ୍ଥାପନ କରିଛି ଯାହାକି ଅଧୁନାତମ ଏଆଇ ଦୂରଦୃଷ୍ଟି ସହିତ ସଜ୍ଜିତ ହୋଇଛି। ଏହି ବିଶେଷତ୍ୱର ପ୍ରମୁଖତା ହେଉଛି ଏହାର କାର୍ଯ୍ୟକାରୀତା ଯାହାକି ଗୁଗୁଲ ଜେମିନିର ସହଯୋଗରେ ପ୍ରତିଷ୍ଠିତ ତଥା ପ୍ରଥମ ଥର ପାଇଁ ସାମସଙ୍ଗ ରେଫ୍ରିଜିରେଟରରେ ଗୁଗୁଲ ଜେମିନ ଏଆଇର ସମନ୍ୱିତକାରୀତା।

ଅଧୁନତମ ଏଆଇ ଦୂରଦୃଷ୍ଟିତା ସହିତ, ସାମସଙ୍ଗ ବର୍ତମାନ ପୂର୍ବାପେକ୍ଷା ଅଧିକ ଖାଦ୍ୟ ସାମଗ୍ରୀ ଚିହ୍ନଟ କରିବାରେ ସକ୍ଷମ ହୋଇପାରିଛି ଏବଂ ଆଧୁନିକ ରୋଷେଇ ଘରର ଅଭିଜ୍ଞତାକୁ ବେଶ୍ ବ୍ୟାପକ କରିପାରିଛି। ଏହା ପୂର୍ବରୁ ୩୭ ପ୍ରକାରର ସତେଜ ଖାଦ୍ୟ ତଥା ୫୦ ପ୍ରକାରର ପୂର୍ବରୁ ରହିଥିବା ପ୍ରକ୍ରିୟାକରଣ ଖାଦ୍ୟକୁ ସାମଗ୍ରୀରେ ଅନୁମୋଦିତ କରୁଥିଲା। ଏହି ଅଧୁନତମ ସଂସ୍କରଣ ସିଇଏସରେ ଅନାବରଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏହା ପ୍ରସ୍ତାବିତ ସୀମିତ ଖାଦ୍ୟ ଅନୁମୋଦନ ପ୍ରକ୍ରିୟାକୁ ଏହା ଆହୁରି ଅଧିକ ବ୍ୟାପକ ତଥା ଉନ୍ମୁକ୍ତ କରିବା ପାଇଁ ପ୍ରୟାସ ଜାରି ରଖିବ ଯାହା ଏକ ବିସ୍ତୃତ ତଥା ନମନୀୟ ଅଭିଜ୍ଞତା ପ୍ରଦାନ କରିବ।

ପାର୍କ ସୂଚନା ଦେଇଛନ୍ତି ଯେ, ସାମସଙ୍ଗ ପାଖରେ ଭାରତରେ ୧୦,୦୦୦ରୁ ଅଧିକ ପ୍ରତିଭାବାନ ଇଂଜିନିୟର ଅଛନ୍ତି, ଯେଉଁମାନେ ଆଗାମୀ ୩୦ ବର୍ଷ ପାଇଁ ଏଆଇର ପରିବର୍ତନଶୀଳତା ଦିଗରେ କାର୍ଯ୍ୟରତ।

'ଭାରତରେ ଥିବା ୩ଟି ଆର ଆଣ୍ଡ ଡ଼ି କେନ୍ଦ୍ର କେବଳ ଭାରତ ପାଇଁ ନୁହେଁ, ବରଂ ବିଶ୍ୱସ୍ତରୀୟ ଉତ୍ପାଦ ପାଇଁ ମଧ୍ୟ ନୂତନତ୍ୱ ପ୍ରଦାନ କରୁଅଛି। ସ୍ମାର୍ଟହୋମ ସଂଯୁକ୍ତକାରୀ ଜୀବନ୍ତ ଏବଂ ପାରଦର୍ଶିତକାରୀ ବୁଦ୍ଧିମତା ଏଆଇ ପରିଚାଳିତ ସାମଗ୍ରୀ ଉପରେ ସେ ନିଜର ବିଶ୍ୱାସ ପ୍ରକଟ କରିଛନ୍ତି। ଅଗ୍ରଣୀ ବିଶ୍ୱସ୍ତରୀୟ ନୂତନତ୍ୱ କ୍ଷେତ୍ରରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ' ସେ ପୁଣି ଥରେ ଏହା କହିଛନ୍ତି।

## ଇନଷ୍ଟାମାର୍ଟ ଗ୍ରାହକଙ୍କ କ୍ରୟରେ ଅବିଶ୍ୱସନୀୟ ଟ୍ରେଣ୍ଡ

**ଭୁବନେଶ୍ୱର, ୨୬।୧୨ (ନି.ପ୍ର) :** ଭାରତର ଅଗ୍ରଣୀ ବାଣିଜ୍ୟ ପ୍ଲାଟଫର୍ମ ଇନଷ୍ଟାମାର୍ଟ ତାହାର ବାର୍ଷିକ ରିପୋର୍ଟ 'ହାଓ ଇଣ୍ଡିଆ ଇନଷ୍ଟାମାର୍ଟେଡ୍ ୨୦୨୫' ପ୍ରକାଶ କରିଛି । ଏହି ରିପୋର୍ଟ ରୁ ଜଣାଡିଛି ଯେ ଭୁବନେଶ୍ୱରବାସୀ ଏବେ ଭାରତର ସୁବିଧାଜନକ ବାଣିଜ୍ୟ ପରିବର୍ତନରେ ସବୁଠାରୁ ଆଗୁଆ। ସହରରେ ଅର୍ଡରରେ ପ୍ରାୟ ୪୬୫% ବୃଦ୍ଧି ଘଟିଛି।

ଉକ୍ତ ରିପୋର୍ଟ ସମ୍ପର୍କରେ ସ୍ୱିଗିର ଚିଫ୍ ବିଜନେସ୍ ଅଫିସର ହରି କୁମାର ଜି କହିଛନ୍ତି -'ଦ୍ରୁତ ବାଣିଜ୍ୟ ଏବେ କେବଳ ସୁବିଧା ନୁହେଁ, ଆଧୁନିକ ଭାରତୀୟଙ୍କ ଜୀବନଶୈଳୀର ଏକ ମୁଖ୍ୟ ଅଂଶ ହୋଇଗଲାଣି। ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀରୁ ପ୍ରିମିୟମ୍ କ୍ରୟ ପର୍ଯ୍ୟନ୍ତ, ଇନଷ୍ଟାମାର୍ଟ ଏବେ ଲୋକଙ୍କର ଅତି ବିଶ୍ୱସ୍ତ ହୋଇପାରିଛି।




ସହରର କ୍ରେତାମାନଙ୍କର ଖର୍ଚ୍ଚରେ ପରମ୍ପରା ଓ ଆଧୁନିକତାର ଦୁଇଟି ମିଶ୍ରଣ ଦେଖିବାକୁ ମିଳିଛି। ଜଣେ ଗ୍ରାହକ ଆଇଫୋନ ପାଇଁ ୭.୩୪ ଲକ୍ଷ ଟଙ୍କା ବ୍ୟୟ କରିଥିବାବେଳେ ସେହିଭଳି ଅନ୍ୟ ଜଣେ ବର୍ଷସାରା ୪.୨୩ ଲକ୍ଷ ଟଙ୍କାର ଆଳୁ କିଣିଥିଲେ। ଯାହାକି ପ୍ରମାଣ କରୁଛି ଯେ ଭୁବନେଶ୍ୱରରେ ଟେକ୍ ଓ ତରକାରୀ ଦୁହେଁ ୧୦ ମିନିଟ୍‌ରେ ଗ୍ରାହକଙ୍କ ଘରେ ପଂହଚୁଛି। ସେହିଭଳି ମୃଦୁ ପାନୀୟ ଥିଲା ଅନ୍ୟତମ, ଯେଉଁଥିରେ ଜଣେ ସର୍ବାଧିକ ୬ ଲକ୍ଷ ଟଙ୍କା ବ୍ୟୟ କରିଥିଲେ। ତାଙ୍କର ସର୍ବାଧିକ ଅର୍ଡର ମୃଦୁ ପାନୀୟ ଥିଲା। କିନ୍ତୁ ବେଳେବେଳେ କେତେକ ଗ୍ରାହକ ୧୩,୪୨୮ ମୂଲ୍ୟର ଇୟରବଡ୍ ମଧ ଅର୍ଡର କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଭୁବନେଶ୍ୱରର କ୍ରେତାମାନେ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ସହିତ ପ୍ରିମିୟମ୍ ଜୀବନଶୈଳୀ କ୍ରୟକୁ ସୁଗମ ଭାବରେ ଆପଣାଇ ନେଉଛନ୍ତି।

ଆଂଚଳିକ ପ୍ରିୟ ଖାଦ୍ୟରେ ସିମେଇ, ସୋରିଷ ଏବଂ କରି ପାଉଡର ପାଂଟ୍ରି ମୁଖ୍ୟ ଭାବରେ ଉଭା ହୋଇଛି। ଏହା ପ୍ରମାଣ କରୁଛି ଯେ ଘର-କା-ସ୍ୱାଦ ସର୍ବଦା ଜିତିଥାଏ। ଭୁବନେଶ୍ୱରବାସୀ ଶୀଘ୍ର ଉଠିବାକୁ ଓ କିଣାକିଣି କରିବାକୁ ପସନ୍ଦ କରଂି। ପାର୍ବଣ ଓ ପାରିବାରୀକ ଉତ୍ସବ ଅବସରରେ ମଧ ଇନଷ୍ଟାମାର୍ଟ ଲୋକଙ୍କର ପ୍ରଥମ ପସନ୍ଦ। ଦୁର୍ଗା ପୂଜା ସମୟରେ ସହର ମୃଦୁ ପାନୀୟ, ଆଇସକ୍ରିମ ଓ ମାରି ବିସ୍କୁଟ ଅଧିକ ଅର୍ଡ଼ରକରି ପାଳନ କରିଥିଲା। ସହରରେ ଅର୍ଡର ହୋଇଥିବା ଅନ୍ୟାନ୍ୟ ଶ୍ରେଷ୍ଠ ସାମଗ୍ରୀରେ ଇଅରବଡ୍ସ, ଘଂଟା ଓ ଲେଗୋ ସେଟ୍ ମଧ ଥିଲା। ଏହା ସ୍ପଷ୍ଟ କରୁଛି ଯେ ଇନଷ୍ଟାମାର୍ଟ କେବଳ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ପାଇଁ ନୁହେଁ; ଏହା ଉପହାର, ଭୋଗ ଓ ବିଶେଷ ଅବସର ପାଇଁ ମଧ୍ୟ ଏକ ବିଶ୍ୱସ୍ତ ସହଭାଗୀ।

## ସେଲ୍ ଏବଂ ଗେଡକଲ ମଧ୍ୟରେ ବିଦ୍ୟୁତ୍ କ୍ରୟ ସମ୍ପର୍କିତ ଚୁକ୍ତିନାମା ସ୍ୱାକ୍ଷରିତ

### ୧୦ ମେଗା ୱାଟ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଆରଏସପିକୁ ହେବ ସବୁଜ ବଦ୍ୟୁତ୍ ଯୋଗାଣ

**ରାଉରକେଲା, ୨୬।୧୨ (ନି.ପ୍ର):** ଗେଡକଲ ଏବଂ ସେଲର ଯୁଗ୍ମ ଉଦ୍ୟୋଗ କମ୍ପାନୀ, ଗେଡକଲ ସେଲ୍ ପାୱାର କର୍ପୋରେସନ ଲିମିଟେଡ୍ (ଜିଏସପିସିଏଲ), ମନ୍ଦିରା ଡ୍ୟାମରେ ଏକ ୧୦ ମେଗା ୱାଟ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରୁଛି। ଏହି ପରିପ୍ରେକ୍ଷୀରେ, ଡିସେମ୍ବର ୨୪ ତାରିଖରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସମ୍ମିଳନୀ କକ୍ଷଠାରେ ଜିଏସପିସିଏଲ ଏବଂ ସେଲ୍ ମଧ୍ୟରେ ବିଦ୍ୟୁତ କ୍ରୟ ଚୁକ୍ତିନାମା (ପିପିଏ) ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ସମାରୋହରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପ୍ରମୁଖ ସଚିବ ତଥା ଓଏଚପିସି ର ସିଏମଡ଼ି ଏବଂ ସବୁଜ ଶକ୍ତି ବିକାଶ ନିଗମ ଓଡ଼ିଶା ଲିମିଟେଡ୍ (ଗେଡକଲ)ର ଅଧ୍ୟକ୍ଷ ବିଶାଳ କୁମାର ଦେବ, ଆଇଏଏସ ଙ୍କ ଉପସ୍ଥିତିରେ ଏହି ପିପିଏ ସ୍ୱାକ୍ଷରିତ ହୋଇଥିଲ। ଏହି ଅବସରରେ ଓଏଚପିସି ର ନିର୍ଦ୍ଦେଶକ (ସ୍ୱାଧୀନ) ବି. ସି. ଜେନା, ନିର୍ଦ୍ଦେଶକ (ସ୍ୱାଧୀନ) ଆର. ସି. ତ୍ରିପାଠୀ , ଓ ନିର୍ଦ୍ଦେଶକ (ଅର୍ଥ) ଏବଂ ଜିଏସପିସିଏଲର ଅଧ୍ୟକ୍ଷ ଶ୍ରୀ ପି. କେ. ମହାନ୍ତି, ଏବଂ ଓଏଚପିସି ଓ ଗେଡକଲର ନିର୍ଦ୍ଦେଶକ (ଅପରେସନ) ଏ. କେ. ମହାନ୍ତି ଉପସ୍ଥିତ ଥିଲେ। ସେଲ୍, ରାଉରକେଲା ଇସ୍ପାତ କାରଖାନାର (ଆରଏସପି) ର ପ୍ରତିନିଧି ମାନଙ୍କ ମଧ୍ୟରେ ସିଜିଏମ (ପାୱାର) ଶ୍ରୀ ଦୀପକ ରାୟ ଏବଂ ସିଜିଏମ (ଏନପିଏମ , ଏସପିପି ଏବଂ ଡିଜିଟାଲାଇଜେସନ୍) ତଥା ଜିଏସପିସିଏଲ ବୋର୍ଡର ନିର୍ଦ୍ଦେଶକ ଶ୍ରୀ ଆର. କେ. ମୁଦୁଲି ସାମିଲ ଥିଲେ। ପ୍ରକାଶ ଯୋଗ୍ୟ ଯେ , ୧୦ ମେଗା ୱାଟ ବିଶିଷ୍ଟ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁ ପ୍ରକଳ୍ପରୁ ଉତ୍ପାଦିତ ସମସ୍ତ ବିଦ୍ୟୁ ଆରଏସପି ଉପଯୋଗ କରିବ ଏବଂ ପ୍ରକଳ୍ପରୁ ବଦ୍ୟୁତ୍ ନିଷ୍କାସନ କୁଆରମୁଣ୍ଡା ଗ୍ରୀଡ୍ ସବ-ଷ୍ଟେସନ୍ ମାଧମରେ କରାଯିବ। ଏହି ମହତ୍ୱପୂର୍ଣ୍ଣ ଅବସରରେ, ବିଶାଳ କୁମାର ଦେବ, ଆଇଏଏସ ପିପିଏ ସ୍ୱାକ୍ଷର ପାଇଁ ଜିଏସପିଏଲ ଦଳକୁ ଅଭିନନ୍ଦନ ଜଣାଇଥିଲେ ଏବଂ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ପ୍ରକଳ୍ପ ସମାପ୍ତ କରିବାକୁ ପରାମର୍ଶ ମଧ ଦେଇଥିଲେ।




## ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲରେ ବାର୍ଷିକ ଉତ୍ସବ ପାଳିତ

**ଧାମରା, ୨୬।୧୨ (ନି.ପ୍ର) :** ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲର ୧୪ତମ ବାର୍ଷିକ ଦିବସ 'ଜିଜ୍ଞାସା' ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ସୌମ୍ୟ ରନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ କୃଷ୍ଣପ୍ରିୟା ଷଡ଼ଙ୍ଗୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଦେବେନ୍ଦ୍ର ଠକର, ଅଧକ୍ଷ, ଏସ୍ଏମ୍ସି, ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲ୍, ଛାତ୍ରଛାତ୍ରୀମାନଙ୍କୁ ନିଜ ଜୀବନର ସ୍ୱପ୍ନ ଓ ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟ କରି ପୂର୍ବତନ ରାଷ୍ଟ୍ରପତି ଡ଼ଃ ଏ. ପି. ଜେ. ଅବ୍‌ଦୁଲ୍ କାଲାମଙ୍କ ପରି ନିଜ ଲକ୍ଷ୍ୟ ସାଧନ କରିବା ପାଇଁ ପ୍ରେରଣା ଦେଇଥିଲେ। ଭଦ୍ରକ ସ୍ଥିତ ବିନାୟକ ପବ୍ଲିକ୍ ସ୍କୁଲ ନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟରେ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସହଯୋଗୀ ଓ ଅଦ୍ୱିତୀୟ ପରିବେଶ ସୃଷ୍ଟିର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବେ ଆଦାନୀ ଫାଉଣ୍ଡେସନର ସିଏସ୍ଆର୍ ମୁଖ୍ୟ ଅକ୍ଷୟ କୁମାର ନାୟକ ଉଚିତ ସମୟ ପରିଚାଳନା ମଣିଷକୁ ମହାନ କରେ ବୋଲି କହିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ଭୁବନେଶ୍ୱର ଓଡିଏମ୍ ପବ୍ଲିକ୍ ସ୍କୁଲ ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଭଦ୍ରକ ଡିଏଭି ଏସ୍‌ଡିପିଏସ୍ ପବ୍ଲିକ୍ ସ୍କୁଲ୍ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାଶ, ଭଦ୍ରକ ଡିଏଭି ପବ୍ଲିକ୍ ସ୍କୁଲ ପ୍ରଧାନଶିକ୍ଷକ ଡ଼ଃ ଋତୁପର୍ଣ୍ଣା ସାହୁ, ଶିକ୍ଷାବିତ୍ ଶ୍ରୀମତୀ ହରପ୍ରିୟା ମିଶ୍ର ଏବଂ ଦେବନାରାୟଣ ମିଶ୍ରଙ୍କ ସହିତ ସମସ୍ତ ପିଟିସିସି ସଦସ୍ୟ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ମେଧାବୀ ଛାତ୍ରଛାତ୍ରୀ ଓ ବିଜୟୀ ଅଭିଭାବକମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ବିଦ୍ୟାଳୟ ପତ୍ରିକା 'ତତ୍ତ୍ୱ' (୯ମ ସଂସ୍କରଣ) ଉନ୍ମୋଚନ କରାଯାଇଥିଲା ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସିତ ହୋଇଥିଲା । କାର୍ଯ୍ୟକ୍ରମଟିକୁ ଆକାଶଦୀପ ବାନାର୍ଜୀ ଓ ଉତ୍କଳିକା ପ୍ରିୟଦର୍ଶିନୀ ସାହୁ ପରିଚାଳନା କରିବା ସହ ସୁଶ୍ରୀ ଉଷଶ୍ରୀ ବେହେରା ଧନ୍ୟବାଦ ଜ୍ଞାପନ କରି ଜାତୀୟ ସଙ୍ଗୀତ ଓ ନବବର୍ଷର ଶୁଭେଚ୍ଛା ସହ ସମାପ୍ତ କରିଥିଲେ ।




## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ ତମ ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ୨୬।୧୨ (ନି.ପ୍ର) :** ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ୧୧୫ତମ ପ୍ରତିଷ୍ଠା ଦିବସକୁ ବିଭିନ୍ନ ସ୍ମୃତିମୂଳକ କାର୍ଯ୍ୟକ୍ରମ ସହ ଉତ୍ସାହର ସହିତ ପାଳନ କରିଅଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧିନ ଆର୍ଥିକ ସେବା ବିଭାଗ (ଡିଏଫ୍ଏସ୍)ର ସଚିବ ଆଇଏଏସ୍ ଏମ୍ ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏମ୍ ନାଗରାଜୁ କହିଥିଲେ ଯେ, ଭାରତର ପ୍ରଥମ ସ୍ୱଦେଶୀ ବ୍ୟାଙ୍କ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ଗର୍ବର ବିଷୟ। ସେ ବ୍ୟାଙ୍କିଙ୍ଗ୍ ଇକୋ ସିଷ୍ଟମକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧିରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ସାରା ଦେଶରେ ଗ୍ରାହକ କୈନ୍ଦ୍ରିକ ସେବା ପ୍ରଦାନରେ ବ୍ୟାଙ୍କର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ଶ୍ରୀ ନାଗରାଜୁ ସେଣ୍ଟ୍ରାଲ୍ ବ୍ୟାଙ୍କର ପ୍ରତିଷ୍ଠାତା ସୋରାବ୍‌ଜୀ ପୋଚଖାନାୱାଲାଙ୍କ ଉକ୍ତିକୁ ଉଦ୍ଧୃତ କରି କହିଥିଲେ ଯେ, ଏକ ଭଲ ବ୍ୟାଙ୍କର ଲାଭ କେବଳ ତାହାର ବ୍ୟାଙ୍କିଂ ହଲ୍‌ର ଚାରି କାନ୍ଥ ମଧ୍ୟରେ ସୀମିତ ନୁହେଁ କିମ୍ବା ଏହାର ବ୍ୟାଙ୍କିଙ୍ଗ୍ ବ୍ୟବସାୟର ସୀମା ଦ୍ୱାରା ସୀମିତ ନୁହେଁ ଏହା ବାଣିଜ୍ୟ, ଶାଖା ଏବଂ ଆର୍ଥିକ କାର୍ଯ୍ୟକଳାପର ଅନ୍ୟାନ୍ୟ ପ୍ରତ୍ୟେକ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ। ସେ ମଧ୍ୟ କହିଥିଲେ ଯେ, ଋଣରେ ୭୨ ପ୍ରତିଶତ ରାମ (ରିଟେଲ୍, କୃଷି ଏବଂ ଏମ୍ଏସ୍ଏମ୍ଇ) ସେୟାର ଦେଶର ସାଧାରଣ ଜନତାଙ୍କ ସେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଅଛି। ବ୍ୟାଙ୍କ ତାହାର ବ୍ୟବସାୟ ଓ ଅଭିବୃଦ୍ଧିରେ ସୁଧାର ଆଣିଛି। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର, ଏମ୍ ନାଗାରାଜୁଙ୍କ ଦୀର୍ଘ ଓ ଗୌରବମୟ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। ଡିଏଫ୍ଏସ୍ ସଚିବ ଭାବରେ ଏମ୍ ନାଗରାଜୁ ଭାରତର ବ୍ୟାଙ୍କିଙ୍ଗ୍, ବୀମା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। କଲ୍ୟାଣ କୁମାର କହିଥିଲେ ଯେ, ବ୍ୟାଙ୍କର ସାରା ଭାରତରେ ୨୧,୪୯୨ଟି ଟଚ୍ ପଏଣ୍ଟ ରହିଛି ଯାହା ମଧ୍ୟରେ ୪,୫୫୬ଟି ଶାଖା ଅନ୍ତର୍ଭୁକ୍ତ ଯାହାର ୬୫.୧୪ ପ୍ରତିଶତ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଏରିଆରେ ଅବସ୍ଥିତ।



## କୁଚିଣ୍ଡା ରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

**କୁଚିଣ୍ଡା,୨୬ । ୧୨ (ନି.ପ୍ର.):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଶ୍ରମିକ ଭବନ ଠାରେ ଉପଖଣ୍ଡ ସ୍ତରୀୟ ୨୯ତମ ବିଜୁ ଜନତା ଦଳ ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ମାଁ ସମଲେଶ୍ୱରୀ ଙ୍କ ପାଖରେ ପୂଜାର୍ଚ୍ଚନା କରି ବିଜୁ ବାବୁ ଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରିଥିଲେ। ଏହି ଅବସରରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଆଗକୁ ଦଳ କିପରି ସୁଦୃଢ ହେବ ସେ ବିଷୟରେ ସମସ୍ତ କର୍ମକର୍ତ୍ତା ମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅବସରରେ କୁଚିଣ୍ଡା ଉପଖଣ୍ଡ ତଥା ବାମରା,ଜମନକିରା ଏବଂ କୁଚିଣ୍ଡା ଏନ୍.ଏସି ର କର୍ମୀମାନେ ଯୋଗ ଦେଇଥିଲେ। ଏଥିରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ,ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ,ଏନ୍.ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି,ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, କୁଚିଣ୍ଡା ଜିଲ୍ଲା ପରିଷଦ ସଭ୍ୟ ଜୋନ ୧ ଅଜିତ ମହାପାତ୍ର, ଜମନକିରା ଜିଲ୍ଲା ପରିଷଦ ସଭ୍ୟା ଜୋନ୍ ୧ ତନୟା ଧୁରୁଆ,ବାମରା ଜୋନ ୧ ଜିଲ୍ଲା ପରିଷଦ ସଭ୍ୟ ଜନ୍ମାଜୟ ଟପୋ,ନବିନ ହୋତା, ଅମୂଲ୍ୟ ମିଶ୍ର,ଗଣେଶ ଅଗ୍ରୱାଲ,ସୁଦିପ ଦେବ, ଅଭିଳାଷ ଅଗ୍ରୱାଲ, ମହମ୍ମଦ ମୃତୁଜା, ଅରବିନ୍ଦ ସାହୁ,ପ୍ରକାଶ ପଟେଲ,ବିଜୁ ସାହୁ, ଲିଙ୍ଗରାଜ ବାଘ,ଜାନୁ ନାଏକ,ସୁଜିତ ଦାଶ, ଚତୁର୍ଭୁଜ ବାରିକ ପ୍ରମୁଖ କର୍ମକର୍ତ୍ତା ଙ୍କ ସହିତ ଅନେକ ବିଜୁ ପ୍ରେମୀ ସାମିଲ ହୋଇଥିଲେ।



## ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ କ୍ରୀଡା ପଦକ୍ଷେପ କଳାହାଣ୍ଡିର ଗ୍ରାମୀଣ କ୍ରୀଡ଼ାବିତ୍‌ଙ୍କୁ ସଶକ୍ତ କରୁଛି

**ଲାଞ୍ଜିଗଡ଼, କଳାହାଣ୍ଡି, ୨୬।୧୨ (ନି.ପ୍ର):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ବେଦାନ୍ତ ଲିଗଡ଼ କ୍ରୀଡା ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ଯୁବ କ୍ରୀଡାବିତ ସଶକ୍ତ କରିଆସୁଛି। କଟକରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍ ପାଇଁ ଦୁଇ ଜଣ ଆଥଲେଟ୍ ଯୋଗ୍ୟତା ଅର୍ଜନ କରି ଏକ ଏହି ପଦକ୍ଷେପ ପାଇଁ ନୂତନ ମାଇଲଖୁଂଟ ଛୁଇଁଛନ୍ତି। ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍, କଳାହାଣ୍ଡି ଦ୍ୱାରା ଆୟୋଜିତ ଜିଲ୍ଲା ଆଥଲେଟିକ୍ସ ମିଟ୍ ୨୦୨୫ରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପରେ ଏହି ଯୋଗ୍ୟତା ମିଳିଛି। କମ୍ପାନୀ ଏହାର କେନ୍ଦ୍ରିତ ସାମୁଦାୟିକ ବିକାଶ ହସ୍ତକ୍ଷେପ ମାଧ୍ୟମରେ ଗ୍ରାମୀଣ ଓଡ଼ିଶାରେ ତୃଣମୂଳ ସ୍ତରୀୟ କ୍ରୀଡା ବିକାଶକୁ ସୁଦୃଢ଼ କରିବା ବଜାୟ ରଖିଛି।

ଜିଲ୍ଲାସ୍ତରୀୟ ଚାମ୍ପିଅନସିପରେ କଳାହାଣ୍ଡି ଜିଲ୍ଲାର ୪୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବେଦାଂ ଲିଗଡ଼ କ୍ରୀଡା ପଦକ୍ଷେପକୁ ପ୍ରତିନିଧିତ୍ୱ କରି, ୨୬ ଜଣ ଖେଳାଳି ପ୍ରତିଯୋଗିତା କରିଥିଲେ ଏବଂ ୨୨ଟି ପଦକ ହାସଲ କରିଥିଲେ, ଯାହା କ୍ରୀଡା ବିକାଶ ପାଇଁ କମ୍ପାନୀର ସଂରଚିତ ଏବଂ ସାମଗ୍ରିକ ଆଭିମୁଖ୍ୟର ପ୍ରଭାବକୁ ସ୍ପଷ୍ଟ କରିଥିଲା। ରାଜ୍ୟ ଚାମ୍ପିଅନସିପର ଯୋଗ୍ୟତା ପର୍ଯ୍ୟାୟରେ ହେମସାଗର ପାତ୍ର ୪୦୦ ମିଟର ଏବଂ ୧୫୦୦ ମିଟର ବର୍ଗରେ ୨୩ ବର୍ଷରୁ କମ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ଭୂଷଣ ମାଝୀ, ଯିଏ ୧୦୦ ମିଟର ଏବଂ ୨୦୦ ମିଟର ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଏହି ସଫଳତା ଉପରେ ମତ ଦେଇ, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, କ୍ରୀଡାରେ ସ୍ଥିରତା ସୃଷ୍ଟି କରିବାର, ଶୃଙ୍ଖଳା ସୃଷ୍ଟି କରିବାର ଏବଂ ସାମାଜିକ ପରିବର୍ତନ ପାଇଁ ସୁଯୋଗ ସୃଷ୍ଟି କରିବାର ଶକ୍ତି ଅଛି। ଏହି ଯୁବ ଖେଳାଳିମାନଙ୍କ ସଫଳତା ଗ୍ରାମୀଣ ଭାରତରେ ଥିବା ବିଶାଳ କ୍ରୀଡା ପ୍ରତିଭା ଏବଂ ଆମର ସଂରଚିତ ତାଲିମ ଇକୋସିଷ୍ଟମର ପ୍ରଭାବକୁ ପ୍ରତିଫଳିତ କରେ। ବେଦାନ୍ତ ଆଲୁମିନିୟମରେ, ଆମେ ଯୁବପିଢ଼ିଙ୍କୁ ଉଚ୍ଚକାଂକ୍ଷୀ କରିବା ଏବଂ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପ୍ରତିଯୋଗିତା କରିବା ପାଇଁ ସକ୍ଷମ କରିବା ପାଇଁ ପ୍ରତିବଦ୍ଧ। ଏହି ପଦକ୍ଷେପ ଅଧୀନରେ, ଖେଳାଳି ମାନେ ପୂର୍ବତନ ଅଲିମ୍ପିଆନ୍ ରାହୁଲ ବାନାର୍ଜୀଙ୍କ ଠାରୁ ବୈଷୟିକ ମାର୍ଗଦର୍ଶନ ସହିତ ବିଶେଷଜ୍ଞ ପ୍ରଶିକ୍ଷଣ ବ୍ୟତୀତ ପୁଷ୍ଟିକର ସହାୟତା, କ୍ରୀଡା କିଟ୍ ଏବଂ ୟୁନିଫର୍ମ ପାଉଛନ୍ତି। ବର୍ତମାନ, ବେଦାନ୍ତ ଲାଞ୍ଜିଗଡ଼ ୧୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ଆଥଲେଟିକ୍ସ ଏବଂ ତୀରନ୍ଦାଜୀରେ ତାଲିମ ଦେଉଛି, ଯାହା ସେମାନଙ୍କ ପାଇଁ ଉତ୍କର୍ଷ ହାସଲ କରିବାର ପଥ ସୃଷ୍ଟି କରୁଛି।

ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି, ଓଡ଼ିଶା କ୍ରିକେଟ୍ ଆସୋସିଏସନର ଉପାଧ୍ୟକ୍ଷ ଏବଂ କଳାହାଣ୍ଡି ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଶ୍ରୀ ଜଗମୋହନ ପଟ୍ଟନାୟକ କହିଛନ୍ତି, କଳାହାଣ୍ଡି ଜିଲ୍ଲାରେ କ୍ରୀଡା, ବିଶେଷକରି ଆଥଲେଟିକ୍ସରେ ଅପାର ସମ୍ଭାବନା ରହିଛି। ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସୃଷ୍ଟି ହୋଇଥିବା ପ୍ଲାଟଫର୍ମ ସଠିକ୍ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହିପରି ସଂରଚିତ ସମର୍ଥନ ଗ୍ରାମୀଣ ଯୁବକମାନଙ୍କୁ ଉତ୍କର୍ଷତା ହାସଲ କରିବାକୁ ଏବଂ ଜିଲ୍ଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିବାକୁ ସକ୍ଷମ କରିବ।



